NITIDIN
ନିତିଦିନ
THE SUNDAY SECTION OF NITIDIN

# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୧୯ ଏପ୍ରିଲ ୨୦୨୬

**ମନୋରଞ୍ଜନ**

ପୁଣି ପ୍ରେମରେ ପଡ଼ିଲେ
କି ବିରାଟ !



# ଓଡ଼ିଆ ବର୍ଷ ଓ ପଞ୍ଜିକା



# ଶ୍ରୀ ରାମକୃଷ୍ଣ ଚରିତାମୃତ ୪୨

■ ମନୋଜ କୁମାର ମହାପାତ୍ର

ରୋଗ ଦିନକୁ ଦିନ ବଢ଼ିବାକୁ ଲାଗିଲା। ଅକ୍ଟୋବର ମାସ ୧୮୮୫ ମସିହା ଆରମ୍ଭରୁ କଲିକତାର ଶ୍ୟାମାପୁକୁର ନାମକ ସ୍ଥାନରେ ଗୋଟିଏ ଭଡ଼ା ଘର ନିଆଗଲା ଏବଂ ଚିକିତ୍ସାର ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀ ରାମକୃଷ୍ଣଙ୍କୁ ସେଠାକୁ ନେଇଆସିଲେ। ସେହି ସମୟର ପ୍ରସିଦ୍ଧ ହୋମିଓପାଥିକ୍ ତଥା ବିଜ୍ଞାନ ସମ୍ବର୍ଦ୍ଧନ ସଂସ୍ଥାର ସଂସ୍ଥାପକ ଡାକ୍ତର ମହେନ୍ଦ୍ରଲାଲ୍ ସରକାରଙ୍କ ତତ୍ତ୍ୱାବଧାନରେ ଶ୍ରୀ ରାମକୃଷ୍ଣଙ୍କର ଚିକିତ୍ସା ହେବାକୁ ଲାଗିଲା। ଡାକ୍ତର ସରକାର ଯେତେବେଳେ ଜାଣିଲେ ଯେ ଶ୍ରୀ ରାମକୃଷ୍ଣଙ୍କର ଭକ୍ତଗଣ ଚିକିତ୍ସା ପାଇଁ ତାଙ୍କୁ କଲିକତାକୁ ନେଇ ଆସିଛନ୍ତି ଏବଂ ତାଙ୍କର ସମସ୍ତ ବ୍ୟୟ ଭକ୍ତମାନେ ବହନ କରିବେ। ସେମାନଙ୍କର ସେବା ମନୋଭାବ ଲକ୍ଷ୍ୟ କରି ଡାକ୍ତର ଶ୍ରୀ ରାମକୃଷ୍ଣଙ୍କର ଚିକିତ୍ସା ବିନା ଟଙ୍କାରେ ସେ କଲେ।

ଏବେ ଭକ୍ତଙ୍କର ସମ୍ମୁଖରେ ଏଭଳି ଆବଶ୍ୟକତା ଥିଲା ଯେ ଜଣେ ଲୋକ ତାଙ୍କର ଭୋଜନ, ଯତ୍ନ ଓ ପରିଚର୍ଯ୍ୟା ଅହର୍ନିଶ ସେବାରେ ବ୍ରତୀ ହେଇପାରିବ। ଏହି କାର୍ଯ୍ୟ ଶ୍ରୀମା ତଥା ଯୁବ ଭକ୍ତମାନଙ୍କ ପ୍ରୟାସରେ କେବଳ ସମ୍ଭବ ହୋଇପାରିବ। ଦକ୍ଷିଣେଶ୍ୱରରେ ଥିବା ଶ୍ରୀମାଙ୍କ ପାଖକୁ ଖବର ପଠାଗଲା, ସେ ଯେପରି ଶୀଘ୍ର ଶ୍ୟାମାପୁକୁରରେ ଆସି ପହଞ୍ଚିବେ। ଶ୍ରୀମାଙ୍କର ସେବା ମନୋବୃତ୍ତି ଏପରି ଥିଲା ଯେ ସେ ସମସ୍ତ ସୁଖସୁବିଧା ତୁରନ୍ତ ତ୍ୟାଗ କରି ଶ୍ୟାମାପୁକୁର ଠାରେ ପହଞ୍ଚିଗଲେ ଏବଂ ସମସ୍ତ କାର୍ଯ୍ୟ ସମ୍ଭାଳିନେଲେ। ଏହି ପ୍ରକାରେ ସେ ଶ୍ରୀ ରାମକୃଷ୍ଣଙ୍କର ଭୋଜନର ସମସ୍ୟାର ସମାଧାନ କରିଦେଲେ। ରାତ୍ରିର ପରିଚର୍ଯ୍ୟା କାର୍ଯ୍ୟର ଦାୟିତ୍ୱ ନରେନ୍ଦ୍ରନାଥ ସ୍ୱୟଂ ନିଜ ଉପରକୁ ନେଲେ ଏବଂ ସେ ଶ୍ୟାମାପୁକୁରକୁ ଆସି ସବୁଦିନ ରାତ୍ରି ଯାପନ କଲେ। ତାଙ୍କର ଉଦାହରଣରେ ଅନୁପ୍ରାଣିତ ହୋଇ ଛୋଟ ଗୋପାଲ୍ (ଯିଏ ନୂଆ ନୂଆ ଆସିଥିଲେ), କାଳୀ ଓ ଶଶୀଙ୍କ ଭଳି କେତେକ ବଳିଷ୍ଠ ଯୁବକ ହାତ ବଢାଇଦେଲେ। ଶ୍ରୀ ରାମକୃଷ୍ଣଙ୍କ ପାଇଁ ନରେନ୍ଦ୍ରଙ୍କ ତ୍ୟାଗ ତଥା ତାଙ୍କର ପ୍ରଦୀପ୍ତ ବାଣୀ ଏବଂ ତାଙ୍କର ସାହଚର୍ଯ୍ୟ ଏହି ସେବକମାନଙ୍କ ଉପରେ ଅଦ୍ଭୁତ ପ୍ରଭାବ ପକାଇଲା। ଏବଂ ସେମାନେ ମଧ୍ୟ ଆପଣାର ଅନ୍ତଃକରଣରୁ ସମସ୍ତ ସ୍ୱାର୍ଥ ତ୍ୟାଗ କରି ଗୁରୁସେବା ତଥା ଈଶ୍ୱର-ଲାଭର ମହାନ ଆଦର୍ଶ ଉପରେ ନିଜକୁ ଉତ୍ସର୍ଗ କରିଦେବା ନିମନ୍ତେ ଦୃଢ ସଂକଳ୍ପ ହେଇଉଠିଲେ।

ଏଠାରେ ଉଲ୍ଲେଖନୀୟ ଯେ ଯଦ୍ୟପି ଶ୍ୟାମାପୁକୁରର ପ୍ରାରମ୍ଭିକ ଦିନଗୁଡ଼ିକରେ ମାତ୍ର ଚାରି-ପାଞ୍ଚ ଜଣ ଭକ୍ତ ସେବାକାର୍ଯ୍ୟ ପ୍ରତି ଆକୃଷ୍ଟ ହେଉଥିଲେ। କିନ୍ତୁ ପରେ ଶେଷ ପର୍ଯ୍ୟନ୍ତ ସେବାକାରୀଙ୍କ ସଂଖ୍ୟା ଚାରିଗୁଣା ବଢ଼ିଯାଇଥିଲା। ବାଳକମାନଙ୍କର ଅଭିଭାବକମାନେ ପିଲାଙ୍କର ପଢ଼ା ପ୍ରତି ଉଦାସୀନ ଭାବ ତଥା ଶ୍ରୀ ରାମକୃଷ୍ଣଙ୍କ ସହିତ ରହିବା ଦେଖି ସେମାନେ ଆତଙ୍କିତ ହୋଇ ଉଠୁଥିଲେ। ସେମାନଙ୍କୁ ଘରକୁ ଫେରାଇ ଆଣିବାକୁ ବିଭିନ୍ନ ପ୍ରକାର ପ୍ରୟାସ ଜାରି ରଖୁଥିଲେ କିନ୍ତୁ ବାଳକ ନରେନ୍ଦ୍ରକୁ ନିଜ ସମ୍ମୁଖରେ ଏକ ବିଜୟୀ ମହାନ ଆଦର୍ଶ ରୂପରେ ଦେଖି, ସେମାନେ ଦୃଢତାର ସହିତ ତାଙ୍କ ପାଖରେ ଠିଆହେଲେ। ନରେନ୍ଦ୍ରଙ୍କର ନିଃସ୍ୱାର୍ଥପର ଉତ୍ସାହ ନିଜର ଏକମାତ୍ର ଆରାଧ୍ୟଙ୍କ ପ୍ରତି କେନ୍ଦ୍ରିତ ହେଇଥିଲା ଏବଂ ଏହି ସମସ୍ତଙ୍କୁ ସେ ଗୋଟିଏ ସୂତ୍ରରେ ବାନ୍ଧି ରଖିପାରିଥିଲେ। ଏମନ୍ତ ରାମକୃଷ୍ଣ-ଭ୍ରାତୃଭାବ, ଯାହାର ସୂତ୍ରପାତ ଦକ୍ଷିଣେଶ୍ୱରରେ ହେଇଥିଲା ଶ୍ୟାମାପୁକୁର ଓ କାଶୀପୁର ଉଦ୍ୟାନରେ ପବିତ୍ର ସାନ୍ନିଧ୍ୟରେ ବିଶେଷ ବିସ୍ତାର ପ୍ରାପ୍ତ ହୋଇଥିଲା।

ଡାକ୍ତର ମହେନ୍ଦ୍ରଲାଲ୍ ସରକାର ପୂରା ନିଷ୍ଠାର ସହିତ ଶ୍ରୀ ରାମକୃଷ୍ଣଙ୍କର ଚିକିତ୍ସା ଆରମ୍ଭ କରିଥିଲେ। ଶ୍ରୀ ରାମକୃଷ୍ଣଙ୍କୁ ପରୀକ୍ଷା-ନିରୀକ୍ଷା ସମାପ୍ତ କରିସାରିବା ପରେ, ଘଣ୍ଟା ଘଣ୍ଟା ଧରି ତାଙ୍କ ସହିତ ବିଭିନ୍ନ ଧାର୍ମିକ ବିଷୟରେ ଆଲୋଚନାରେ ସମୟ ବିତାଉଥିଲେ। ଏହା ତାଙ୍କର ନିୟମିତ କାର୍ଯ୍ୟ ଥିଲା। ଏହିଭଳି ଭାବରେ ଡକ୍ଟର ସରକାର ଧୀରେ ଧୀରେ ଶ୍ରୀ ରାମକୃଷ୍ଣଙ୍କ ପ୍ରତି ଅଧିକାଧିକ ଆକୃଷ୍ଟ ହୋଇଯାଇଥିଲେ ଏବଂ ଏହି ଘନିଷ୍ଠତାର ପରିଣାମସ୍ୱରୂପ ଡାକ୍ତର ସରକାରଙ୍କର ଶ୍ରୀ ରାମକୃଷ୍ଣଙ୍କ ପ୍ରତି ପ୍ରଶଂସା ଶୀଘ୍ର ଶ୍ରଦ୍ଧାରେ ପରିଣତ ହେଇଗଲା। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ପ୍ରଣାମ ଆଶା ତାଇ



ନାଟ୍ୟ ସାରଥି ଅଭୟ କୁମାର ଦାସ

ପିଢ଼ିକୁ ପିଢ଼ି ମୋହିତ କରୁଥିଲା ତାଙ୍କର ବୀଣାକିଣା ସ୍ୱର : ୧୨ ହଜାରରୁ ଅଧିକ ଗୀତରେ ଥିଲା ଅବିସ୍ମରଣୀୟ ଅବଦାନ। ଶେଷରେ ୯୨ ବର୍ଷରେ ଆଖି ବୁଜିଛନ୍ତି ଭାରତର କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଆଶା ଭୋସଲେ। ନିଜ ଜୀବନ ଓ କ୍ୟାରିଅରରେ ଆଶା ଭୋସଲେ ଯେଉଁମାନଙ୍କ ସଂସ୍ପର୍ଶରେ ଆସିଥିଲେ ସେମାନଙ୍କ ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲେ 'ପଞ୍ଚମ' ନାମରେ ସୁପରିଚିତ ଆର.ଡ଼ି.ବର୍ମନ। କାବ୍‌ରେ ଶୈଳୀର ଗୀତ 'ପିୟା ତୁ ଅବ୍ ତୋ ଆଯା...'ରୁ ନେଇ 'ଦମ୍ ମାରୋ ଦମ୍...' ଭଳି ସମ୍ପୂର୍ଣ୍ଣ ନୂତନ ଢ଼ାଞ୍ଚାରେ ସ୍ୱର ସଂରଚନା ତତ୍କାଳୀନ ଗତାନୁଗତିକ ସାଂଗୀତିକ ଧାରାକୁ ଅତିକ୍ରମ କରି ବଲିଉଡ ସଂଗୀତରେ ନୂଆ ଧାରା ସ୍ଥାପନା କଲା। ଆଶାଙ୍କ କଣ୍ଠରେ ବର୍ମନ ଯାହା ଦେଖି ପାରିଥିଲେ ଅନ୍ୟ ସଂଗୀତ ନିର୍ଦ୍ଦେଶକମାନେ ତାହା ଦେଖି ପାରି ନଥିଲେ।

ଭାରତର ଅନ୍ୟତମ ବିଖ୍ୟାତ ଗାୟିକା ଆଶା ଭୋସଲେ ଦୀର୍ଘ ଆଠ ଦଶନ୍ଧିର କ୍ୟାରିୟରରେ ବିଭିନ୍ନ ଭାଷାରେ ୧୨,୫୦୦ରୁ ଅଧିକ ଗୀତ ଗାଇ ରେକର୍ଡ଼ କରିଛନ୍ତି। ୧୯୩୨ ମସିହା ସେପ୍ଟେମ୍ବର ୮ ତାରିଖରେ ଜନ୍ମ ଗ୍ରହଣ କରିଥିବା ଆଶା ତାଙ୍କ ସଙ୍ଗୀତଜ୍ଞ ପିତା ଦୀନନାଥ ମଙ୍ଗେସକରଙ୍କ ଠାରୁ ଶାସ୍ତ୍ରୀୟ ସଙ୍ଗୀତରେ ତାଲିମ ନେଇଥିଲେ। ଚଳଚ୍ଚିତ୍ର 'ଚୁନରିଆ' ୧୯୪୮ରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ଆଶା ସଫଳତା ପାଇବା ପୂର୍ବରୁ ଅନେକ ସଂଘର୍ଷ କରିଥିଲେ। ୧୯୫୦ ଦଶକର ଶେଷ ଭାଗରେ ସଙ୍ଗୀତକାର ଓ.ପି.ନାୟାରଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କୁ ମିଳିଥିଲା ଅପାର ସଫଳତା। 'ନୟାଚୌର', 'ହାଓ୍ୱଡ଼ା ବ୍ରିଜ' ଭଳି ଚଳଚ୍ଚିତ୍ରରେ କଣ୍ଠଦାନ ତାଙ୍କୁ ଚର୍ଚ୍ଚାକୁ ଆଣିଥିଲା ଏବଂ ଜଣେ ଅଗ୍ରଣୀ ପ୍ରଚ୍ଛଦପଟ ଗାୟିକା ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିଥିଲେ। ସମୟ ସହିତ ତାଳଦେଇ ଆଶା ଭୋସଲେ ଏକ ଭିନ୍ନ ଶୈଳୀ ବିକଶିତ କରିଥିଲେ। ସେ ସମ୍ବେଦନଶୀଳ ଓ ପାଶ୍ଚାତ୍ୟ ପ୍ରଭାବିତ ଗୀତ ପାଇଁ ଜଣାଶୁଣା ହୋଇଥିଲେ। ଗଜଲ, ଶାସ୍ତ୍ରୀୟ ସଙ୍ଗୀତ, ରୋମାଣ୍ଟିକ ମେଲୋଡ଼ି ଓ ପପ୍ ଗାଇ ଲୋକଙ୍କ ମନ ଜିଣିଥିଲେ। ୨୦୧୧ ମସିହାରେ ଆଶା ସଙ୍ଗୀତ ଇତିହାସରେ ସର୍ବାଧିକ ଗୀତ ରେକର୍ଡ଼ିଂ କରିଥିବା କଳାକାର ଭାବେ ଗିନିଜ ବୁକ ଅଫ ଓ୍ୱାଲର୍ଡ଼ ରେକର୍ଡ଼ରେ ସ୍ୱୀକୃତି ପାଇଥିଲେ। ସେ ହିନ୍ଦୀ, ମରାଠୀ, ବଙ୍ଗଳା, ତାମିଲ, ମାଲାୟାଲମ, ଇଂରାଜୀ, ରୁଷୀୟ ସମେତ ୨୦ରୁ ଅଧିକ ଭାରତୀୟ ଓ ଅନ୍ତର୍ଜାତୀୟ ଭାଷାରେ ଗୀତ ଗାଇଛନ୍ତି। କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କ ସାନ ଭଉଣୀ ଆଶା ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ଦୁଇ ଭଉଣୀ ପ୍ରଚ୍ଛଦପଟ ଗୀତରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ସୁଦ୍ଧା ପ୍ରତ୍ୟେକଙ୍କର ଏକ ଅନନ୍ୟ ସ୍ୱର ଓ ଶୈଳୀ ଥିଲା। ଆଶା ଜୀଙ୍କ ବିୟୋଗ ସହିତ ଏକ ଯୁଗର ଅନ୍ତ ଘଟିଛି। କୋଟି କୋଟି ଜନତାଙ୍କ ହୃଦୟକୁ ଛୁଇଁଥିବା ତାଙ୍କର ସେହି ଅନନ୍ୟ ସ୍ୱର ଓ ବହୁମୁଖୀ ଗାୟନ ଶୈଳୀ ସବୁବେଳେ ଅତୁଳନୀୟ ହୋଇ ରହିବ।

ଗୋତରା, ମାହାଙ୍ଗା, କଟକ

ପ୍ରଚ୍ଛଦ ପଟ୍ଟ

# ଓଡ଼ିଆ ବର୍ଷ ଓ ପଞ୍ଜିକା

-ହରିଶଙ୍କର ମିଶ୍ର


ପୃଥିବୀ ଗୋଟିଏ ଗ୍ରହ। ସୌରଜଗତର ଗ୍ରହ ମାନଙ୍କ ମଧ୍ୟରେ ରହିଥିବା ପାରସ୍ପରିକ ଆକର୍ଷଣ ଓ ବିକର୍ଷଣ ପ୍ରକ୍ରିୟା ସୃଷ୍ଟି ଆରମ୍ଭ ଦିନରୁ ସଂଗଠିତ ହୋଇ ଆସୁଛି। ଅମାବାସ୍ୟା ଓ ପୂର୍ଣ୍ଣିମାରେ ସମୁଦ୍ରରେ ଜୁଆର ହେବା, ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ପରି ମହାଜାଗତିକ ଦୃଶ୍ୟର କାରଣ ଜାଣିବାକୁ ଯେଉଁ ଶାସ୍ତ୍ର ପ୍ରଚଳିତ ତାହା ହିଁ ଜ୍ୟୋତିର୍ବିଦ୍ୟା ଭାବରେ ନାମିତ ହୋଇଥିଲା।ଏହା ବେଦର ଷଡ଼ଅଙ୍ଗ ମଧ୍ୟରେ ଚକ୍ଷୁ ବୋଲି ବିବେଚିତ ହୁଏ। ଏହି ଶାସ୍ତ୍ର ସମ୍ପର୍କରେ ଆଲୋଚନା କଲେ ପୁରାଣ ବର୍ଣ୍ଣିତ ମହର୍ଷି ଭୃଗୁ ବା ଇତିହାସର ବରାହମିହିରଙ୍କ ନାମ ସର୍ବାଗ୍ରେ ରହିଥାଏ। ଜ୍ୟୋତିଷ ଶାସ୍ତ୍ରକୁ ଗଣିତ ଜ୍ୟୋତିଷ ଓ ଫଳିତ ଜ୍ୟୋତିଷ ନାମରେ ଦୁଇ ଭାଗ କରାଯାଇଛି। ଗ୍ରହମାନଙ୍କର ଗତିକୁ ଗଣିତ ଓ ଜନ୍ମ ଜାତକରେ ଗ୍ରହଙ୍କ ସ୍ଥିତି ଜନିତ ପ୍ରଭାବକୁ ଫଳିତ ଜ୍ୟୋତିଷ ଶାସ୍ତ୍ରର ମାନ୍ୟତା ଦିଆଯାଇଛି। କିନ୍ତୁ ଗଣିତ ଜ୍ୟୋତିଷ ତ୍ରୁଟି ଶୂନ୍ୟ ନହେଲେ ଫଳିତ ଜ୍ୟୋତିଷ ସଠିକ୍ ହୋଇ ନଥାଏ। ଆମର ପ୍ରତ୍ୟେକ ସୌରବର୍ଷ ପାଇଁ ଗଣନା ଆଧାରିତ ସୂଚନା ପୁସ୍ତକକୁ ପଞ୍ଜିକା କୁହାଯାଏ। ଏହି ପଞ୍ଜିକାର ଆଧାର ହେଉଛି ସିଦ୍ଧାନ୍ତ, ହୋରା ଏବଂ ସଂହିତା । ଗଣିତ ଜ୍ୟୋତିଷକୁ ସିଦ୍ଧାନ୍ତ, ଫଳିତ ଜ୍ୟୋତିଷକୁ ହୋରା ଏବଂ ମନୁଷ୍ୟ ଜୀବନର ଆଚାର-ବ୍ୟବହାରରେ ସଂଯମତା ଚାଲିଚଳନ ତଥା ଶୃଙ୍ଖଳିତ ଜୀବନ ଦର୍ଶନର ମାର୍ଗ ନିରୂପଣକୁ ସଂହିତା କୁହାଯାଏ। ସିଦ୍ଧାନ୍ତ ଆଧାରରେ ପ୍ରତ୍ୟେକ ଦିନର ବାର, ରାଶି, ନକ୍ଷତ୍ର, ଯୋଗ କରଣ ବ୍ୟାପ୍ତି ନିରୂପଣକୁ ପଞ୍ଚାଙ୍ଗ କୁହାଯାଏ। ଏଥି ସହିତ ତିଥି ବ୍ୟାପ୍ତି ସାରା ପୃଥିବୀରେ ସମାନ ଥିବାରୁ ତାହାକୁ ମଧ୍ୟ ଗୁରୁତ୍ୱ ଦିଆଯାଏ। ଗ୍ରହମାନଙ୍କର ଚଳନ ଚନ୍ଦ୍ରଗ୍ରହଣ ସୂର୍ଯ୍ୟପରାଗ ସମୟ ମଧ୍ୟ ହୋରା ଆଧାରରେ ନିର୍ଣ୍ଣୟ କରାଯାଏ। ପଞ୍ଚାଙ୍ଗ ଗଣନା ସଠିକ୍ ରହିଲେ ହୋରା ଓ ସଂହିତା ଆଧାରିତ ଦୈନିକ ଶୁଭାଶୁଭ ଯୋଗିନୀ ସ୍ଥିତି ବାରବେଳା କାଳବେଳା କାଳରାତ୍ରି ରାହୁକାଳ, ଶୁଭ ଓ ଅଶୁଭ ବେଳା, ଶୁଦ୍ଧ ଶୁଭ ବେଳା, ଦିନାର୍ଦ୍ଧ ନିଶାର୍ଦ୍ଧ ସହ ମନୁଷ୍ୟ ସମ୍ମୁଖୀନ ହେଉଥିବା ଓ ଆବଶ୍ୟକୀୟ ତଥ୍ୟ ଯଥା ଗର୍ଭାଧାନ ପୁଂସବନ ଚୂଡାକରଣ ଅନ୍ନପ୍ରାଶନ, ଉପନୟନ, ବେଦାଧ୍ୟୟନ, ବିବାହ, ଅନ୍ତ୍ୟେଷ୍ଟି , ପୁଷ୍କର ଦୋଷ, ଶ୍ରାଦ୍ଧ ତର୍ପଣ ଆଦି ଷୋଡଶ ସଂସ୍କାର, ନିଷିଦ୍ଧ ଖାଦ୍ୟ, ନିଷିଦ୍ଧ କର୍ମ, ଗୃହାରମ୍ଭ, ଗୃହ ପ୍ରବେଶ, ପୂଜା ପାର୍ବଣ, ବ୍ରତ ବା ଓଷା, ନବଜାତ ଶିଶୁର ଜାତକ ପ୍ରସ୍ତୁତି, ଯାନ ବାହନ ଓ ଭୂମି କ୍ରୟ ବିକ୍ରୟ, କୂପ ପୁଷ୍କରିଣୀ ବା ଜଳ ଉତ୍ସ ଖନନ, ଆଦି ନିର୍ଣ୍ଣୟ ସଠିକ୍ ରହିଥାଏ।



**ଓଡ଼ିଶାର ପଞ୍ଜିକା ଓ ସିଦ୍ଧାନ୍ତ ଦର୍ପଣ:-** ପଞ୍ଜିକାର ପ୍ରଚଳନ ବହୁ ପ୍ରାଚୀନ ହୋଇଥିବା ବେଳେ ପୂର୍ବରୁ ଓଡ଼ିଶାରେ ସୂର୍ଯ୍ୟ ସିଦ୍ଧାନ୍ତ ଆଧାରରେ ଗଣନା କରାଯାଉଥିବା ପଞ୍ଜିକା ପ୍ରଚଳିତ ହେଉଥିଲା। କିନ୍ତୁ ସେଥିରେ ମନୁଷ୍ୟ ଜୀବନ ସହ ସମାଜ ବା ରାଜ୍ୟକୁ ଏହା ପ୍ରଭାବିତ କରୁଥିବା ତଥ୍ୟ ଜାଣିବାକୁ ଏବଂ ସୂର୍ଯ୍ୟ ସିଦ୍ଧାନ୍ତରେ ଚନ୍ଦ୍ରଙ୍କର ଗୋଟିଏ ପକ୍ଷର ଶେଷ ଦିନ ଓ ପର ଦିନର ଚନ୍ଦ୍ରଙ୍କ କ୍ଷୟବୃଦ୍ଧି ସହ ତିଥିର କ୍ଷୟବୃଦ୍ଧି ଋତୁଭିତ୍ତିକ ସୂର୍ଯ୍ୟ ଚନ୍ଦ୍ର ଓ ମେଘର ଦୂରତା ଜାଣିବାକୁ ଖଣ୍ଡପଡ଼ା ରାଜ ବଂଶରେ ୧୩-୧୨-୧୮୩୫ରେ ଜନ୍ମିତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ (ପଠାଣି ସାମନ୍ତ)ଦୁଇ ଗୋଟି ବାଉଁଶ ନଳୀରେ ନିର୍ମିତ ମାନଯନ୍ତ୍ର ଓ ନିଜସ୍ୱ ନିର୍ମିତ ଶଙ୍କୁ ଯନ୍ତ ଆଧାରରେ ଖାଲି ଆଖିରେ ଘରର ଚାଳରେ କରିଥିବା ବୃହତ ଓ କ୍ଷୁଦ୍ରଛିଦ୍ର ବା କଣାରେ ରାତି ସାରା ଅନିଦ୍ରା ରହି ଆକାଶର ଗ୍ରହ ନକ୍ଷତ୍ରଙ୍କ ଗତି ନୀରିକ୍ଷଣ କଲେ। ମାତ୍ର ୧୪ ବର୍ଷ ବୟସରେ ୧୮୪୯ମସିହାରୁ ୧୮୬୯ ମସିହା ଦୀର୍ଘ ୨୦ ବର୍ଷ ଧରି ତାଙ୍କର ନୀରିକ୍ଷଣ ଆଧାରିତ ପୁସ୍ତକ ସିଦ୍ଧାନ୍ତ ଦର୍ପଣ ନାମରେ ବିଖ୍ୟାତ ହେଲା। ଏବଂ ଏହି ଗଣନା ପ୍ରକ୍ରିୟା ପଠାଣି ସାମନ୍ତ ଅୟନାଂଶ ଭାବରେ ସ୍ୱୀକୃତ ହେଲା। ସମସ୍ତେ ଜାଣନ୍ତି ଯେ ସୂର୍ଯ୍ୟ ସ୍ଥିର ଓ ଗ୍ରହମାନଙ୍କର ଗତି ଅଛି। ମାତ୍ର ସେ ଦୃକସିଦ୍ଧ ( ଯାହା ଖାଲି ଆଖିରେ ଦେଖାଯାଇଥାଏ )ନିୟମରେ ପୃଥିବୀକୁ ସ୍ଥିର ରଖି ସୂର୍ଯ୍ୟଙ୍କୁ ଗତିଶୀଳ କରାଇଛନ୍ତି। ଏହା ସତ୍ତ୍ୱେ ସେ ଲେଖିଥିବା ଦର୍ପଣ ସାର ପୁସ୍ତକରେ ଲେଖିଥିଲେ ଯେ ତାଙ୍କର ଗଣନା ଇଂରାଜୀ ପାଞ୍ଜି ସଙ୍ଗେ ମେଳକ ହୋଇଥିବାରୁ 'ଶିଷ୍ଟାଚାରର ଅବିରୁଦ୍ଧ ହୋଇନାହିଁ।' ରେଭେନ୍ସା ମହାବିଦ୍ୟାଳୟରର ତତ୍କାଳୀନ ପ୍ରାଧ୍ୟାପକ ଡଃ ଯୋଗେଶ ଚନ୍ଦ୍ର ରାୟଙ୍କ ପ୍ରଚେଷ୍ଟାରେ ୧୮୯୩ ମସିହାରେ ତାଙ୍କୁ ଇଂରେଜ ସରକାରଙ୍କ ତରଫରୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ ପାଇଁ ନିମନ୍ତ୍ରଣ ମିଳିଥିଲା। ସେ କଟକରେ ପହଞ୍ଚି ଏବଂ ରେଭେନ୍ସା ମହାବିଦ୍ୟାଳୟରରେ ଦୂରବୀକ୍ଷଣ ଯନ୍ତ୍ର ଦେଖିବା ପରେ ସ୍ୱତଃ କହିଥିଲେ ଯେ ଯଦି ସେ ପୂର୍ବରୁ ସେହି ଯନ୍ତ୍ର ପାଇଥାନ୍ତେ ତାଙ୍କର ଗଣନା ଅଧିକ ନିର୍ଭୁଲ ହୋଇଥାନ୍ତା। କିନ୍ତୁ ସମୟ ଭିତ୍ତିକ ବୀଜ ସଂସ୍କାର କରାଗଲେ ତାଙ୍କର ପଞ୍ଜିକା ନିର୍ଭୁଲ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ତାଙ୍କର ଗଣନା ଆଧାରିତ ପଞ୍ଜିକା ପ୍ରଥମେ ୧୮୭୬ ମସିହାରେ ତାଳପତ୍ରରେ କରଣୀ ଲେଖନୀରେ ଲେଖାଯାଇ ପ୍ରଚଳିତ ହୋଇଥିଲା। ସେହି ସମୟରେ ରାଜତନ୍ତ୍ରଜନିତ ସ୍ୱାଭିମାନ ଥିଲା। ଖଣ୍ଡପଡ଼ା ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ହୋଇଥିବାରୁ ସେଇ ବଂଶଜ ପଠାଣି ସାମନ୍ତଙ୍କ ନିର୍ଣ୍ଣିତ ଅୟନାଂଶ ଆଧାରିତ ପଞ୍ଜିକା ତତ୍କାଳୀନ ଓଡ଼ିଶା (ଅବିଭକ୍ତ କଟକ ପୁରୀ ବାଲେଶ୍ୱରରୁ ଗଡ଼ଜାତ ବାଦ୍ ଦେଇ)ରେ ବା ପୁରୀ ରାଜାଙ୍କ ଦ୍ୱାରା ଗ୍ରହଣୀୟ ହେଲା ନାହିଁ। ପରେ ପୁରୀ ରାଜା ସୁନାଖଳା ନିକଟସ୍ଥ ବିଲଖଉରୁଣୀ ଗ୍ରାମର ପଠାଣୀ ସାମନ୍ତଙ୍କ ଶିଷ୍ୟ ସଦାଶିବ ପଣ୍ଡିତଙ୍କୁ 'ଖଡୀରତ୍ନ' ଉପାଧି ପ୍ରଦାନ କରିଥିଲେ। ଯିଏ କି ୧୮୬୫ ମସିହାରୁ ସୂର୍ଯ୍ୟ ସିଦ୍ଧାନ୍ତ ଆଧାରରେ ପଞ୍ଜିକା ଲେଖୁଥିବା ସହ ପଠାଣି ସାମନ୍ତଙ୍କ ଶିଷ୍ୟତ୍ୱ ମଧ୍ୟ ଗ୍ରହଣ କରିଥିଲେ। ପଠାଣି ସାମନ୍ତଙ୍କ ପଞ୍ଜିକା ଗଣନା ୧୯୬୯ ମସିହାରେ ଶେଷ ହୋଇଥିଲେ ମଧ୍ୟ ୧୮୬୬ ମସିହାରେ ଓଡ଼ିଶାରେ ହୋଇଥିବା ନଅଙ୍କ ଦୁର୍ଭିକ୍ଷର କାରଣ ଓ ଗ୍ରହଜନିତ ହୀନଜଳ ବୃଷ୍ଟିପାତ ଆଦିକୁ ତର୍ଜମା ପାଇଁ ସେ ତାହାକୁ ପୁନଶ୍ଚ ସାତ ବର୍ଷ ପର୍ଯ୍ୟବେକ୍ଷଣ କରିଥିଲେ ଏବଂ ତାହା ୧୮୭୬ ମସିହାରେ ସିଦ୍ଧ ହୋଇଥିଲା ବୋଲି ଘୋଷଣା କରିଥିଲେ। ୧୯୮୮ ମସିହାରେ ମଞ୍ଜୁଷା ରାଜାଙ୍କ ଉଦ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିରର ତତ୍କାଳୀନ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସଙ୍କ ଆଦେଶରେ ଶ୍ରୀଜଗନ୍ନାଥ ମନ୍ଦିରରେ



ଥିବା ‘ମୁକ୍ତିମଣ୍ଡପ’ ସିଦ୍ଧାନ୍ତ ଦର୍ପଣ ଆଧାରରେ ଗଣିତ ସଦାଶିବ ଖଡୀରନ୍‌ଙ୍କ ପଞ୍ଜିକାକୁ ସ୍ୱୀକୃତି ଦେବାରେ ତାହା ‘ଖଡୀରନ୍ ପଞ୍ଜିକା’ ଏବଂ ପଠାଣି ସାମନ୍ତଙ୍କ ଦ୍ୱାରା ପ୍ରକାଶିତ ପଞ୍ଜିକା ‘ସାମନ୍ତ ପଞ୍ଜିକା’ ଭାବରେ ବିବେଚିତ ହେଲା। ଏବେ ଏଠାରେ ସୂଚନାଯୋଗ୍ୟ ଯେ ଲୋକମାନଙ୍କ ମାନସିକତାରେ ଖଡୀରନ୍ ଓ ସାମନ୍ତ ପଞ୍ଜିକା ପ୍ରତି ରହିଥିବା ଭାବାବେଗ ଆଧାରରେ ଅନେକ ପଞ୍ଜିକାକାର ବା ପ୍ରକାଶକମାନେ ବ୍ୟବସାୟିକ ସଫଳତା ପାଇଁ ଗୋଟିଏ ପଞ୍ଜିକା ଛାପି ତା’ର କେବଳ ମଲାଟ ବଦଳାଇ ସ୍ଥାନୀୟ ଭିତ୍ତିକ ଗ୍ରହଣୀୟତା ପାଇଁ ଯଥାକ୍ରମେ ‘ଖଡୀରନ୍’ ଓ ‘ସାମନ୍ତ ପଞ୍ଜିକା’ ନାମକରଣ କରି ଲୋକଙ୍କୁ ଭ୍ରମିତ କରାଉଛନ୍ତି। କିନ୍ତୁ ଏଠାରେ ସ୍ପଷ୍ଟ କରାଯାଇପାରେ ଯେ ଖଡୀରନ୍ ଏକ ରାଜପ୍ରଦତ୍ତ ଉପାଧି ଏବଂ ବଂଶାନୁକ୍ରମିକ। ସଦାଶିବ ଖଡୀରନ୍‌ଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଲିଙ୍ଗରାଜ ଖଡୀରନ୍ ଓ ପରେ ତାଙ୍କର ପୁଅ ହରିହର ଖଡୀରନ୍‌ଙ୍କ ଗଣନାରେ ସେଇ ନୂତନ ପଞ୍ଜିକା ନାମରେ ଅରୁଣୋଦୟ ପ୍ରେସରେ ଦ୍ୱାରା ଛପାଯାଉଥିବା ପଞ୍ଜିକା ମଧ୍ୟ ଜନପ୍ରିୟ ହୋଇଥିଲା। ପରେ ୧୯୩୫-୩୬ ମସିହାରେ ଜନୈକ ଅମିନୁଲ ଇସଲାମ ‘ଓଡ଼ିଶା କୋହିନୁର ପ୍ରେସ’ ନାମରେ ସ୍ଥାପନ କରିଥିବା ପ୍ରେସରେ ହରିହର ଖଡୀରନ୍‌ଙ୍କ ପଞ୍ଜିକାକୁ ଖଡୀରନ୍ ନୂତନ ପଞ୍ଜିକା ଓ ପରେ ଓଡ଼ିଶା କୋହିନୁର ପଞ୍ଜିକା ନାମରେ ଛପାଉଥିଲେ। ପରେ ହରିହରଙ୍କ ପୁତ୍ର ଉମାକାନ୍ତ ଖଡୀରନ୍‌ଙ୍କ ଗଣନାରେ ମଧ୍ୟ କୋହିନୁର ପ୍ରେସ ପଞ୍ଜିକା ପ୍ରକାଶ ପାଉଥିଲା। ସେତେବେଳେ ଭାସ୍ୱତୀ ପଦ୍ଧତିରେ ଗଣନା କରାଯାଇ ଯାଜପୁର ଅଞ୍ଚଳରେ ବିରଜା ପଞ୍ଜିକା ନାମରେ ଏକ ପଞ୍ଜିକା ଅରୁଣୋଦୟ ପ୍ରେସରେ ଛପା ଯାଉଥିଲା। କିନ୍ତୁ ୧୯୭୨-୭୩ ମସିହାରେ ଅରୁଣୋଦୟ ପ୍ରେସ ବନ୍ଦ ହୋଇଗଲା। କଟକରେ ପ୍ରତିଷ୍ଠିତ ରାଧାରମଣ ପୁସ୍ତକାଳୟର ପ୍ରତିଷ୍ଠାତା ଯାଜପୁର ଅଞ୍ଚଳର ଜନୈକ ଗଦାଧର ମହାପାତ୍ରଙ୍କ ଦ୍ୱାରା ଗଣନା କରାଯାଉଥିବା ପଞ୍ଜିକା ପ୍ରକାଶ କଲେ। ଓଡ଼ିଶାରେ ସେତେବେଳେ ଏଇ ଦୁଇଟି ପଞ୍ଜିକା ହିଁ ପ୍ରକାଶିତ ହେଉଥିଲା। କେବଳ କୋହିନୁର ପ୍ରେସ ଦ୍ୱାରା ପ୍ରକାଶିତ ପଞ୍ଜିକାକୁ ସ୍ୱୀକୃତି ଦେଉଥିବା ମୁକ୍ତିମଣ୍ଡପରେ ଅଧିକାର ପ୍ରାପ୍ତ କିଛି ଗୁଣି ଜ୍ଞାନୀ ପଣ୍ଡିତ ‘ମୁକ୍ତିମଣ୍ଡପ ପଣ୍ଡିତ ସଭା’ ନାମରେ ଅଲଗା ହୋଇଯିବାରୁ ସେମାନେ ମଧ୍ୟ ସେହି ପଞ୍ଜିକାକୁ ସଂଶୋଧନ କରି ସ୍ୱୀକୃତି ଦେଲେ। କିନ୍ତୁ ଉକ୍ତ ଦୁଇଟି ପଞ୍ଜିକା ମଧ୍ୟରେ ଗାଣିତିକ ବା ଧାର୍ମିକ ବ୍ୟବସ୍ଥା ଜନିତ ତ୍ରୁଟି ପାଇଁ ଅନେକ ସମୟରେ ବିବାଦ ଦେଖାଗଲା। ବିବାଦ ବେଳେବେଳେ ଏତେ ଉଗ୍ର ହେଉଥିଲା ଯେ ସେ ସମୟରେ ଓଡ଼ିଶାରେ ପ୍ରକାଶିତ ଦୁଇଟି ପ୍ରମୁଖ ଖବର କାଗଜ ମଧ୍ୟ ପ୍ରତିଦ୍ୱନ୍ଦିତାରେ ସାମିଲ ହୋଇ ପାରସ୍ପରିକ ବିରୋଧି ପଞ୍ଜିକାର ପକ୍ଷ ସମର୍ଥନ କରି ବିବରଣୀ ମାନ ଚାପିଲେ। କିନ୍ତୁ ଉଭୟ ପଞ୍ଜିକାରେ ପୁରୀଠାରେ ଉଦୟ ସୂର୍ଯ୍ୟୋଦୟର ସୂଚନା ଥିଲେ ମଧ୍ୟ ତାହା ପାରସ୍ପରିକ ଅମେଳ ଥିଲା। ଏବେ କିନ୍ତୁ ମୁକ୍ତି ମଣ୍ଡପ ପଣ୍ଡିତ ସଭା ସେହି ଦୁଇଟି ପ୍ରେସ ଦ୍ୱାରା ପ୍ରକାଶିତ ପଞ୍ଜିକାକୁ ସ୍ୱୀକୃତି ଦେଉଛି।



## ମେଘନାଦ ଶାହା କମିଟି:-

ଏହି ସମୟରେ ଦେଶ ମଧ୍ୟରେ ମଧ୍ୟ ବିଭିନ୍ନ ପଞ୍ଜିକା ଛପା ଯାଉଥିଲା। କେଉଁ ପଞ୍ଜିକାରେ ଅମାବାସ୍ୟା ପରେ ଚନ୍ଦ୍ର ମାସ ଆରମ୍ଭ ହେଉଥିବା ବେଳେ କେଉଁ ପଞ୍ଜିକାରେ ପୂର୍ଣ୍ଣିମା ପରେ ଚନ୍ଦ୍ର ମାସ ଆରମ୍ଭ ହେଉଥିଲା। ବିଭିନ୍ନ ଅୟନାଂଶରେ ଗଣନା କରାଯାଇ ପଞ୍ଜିକା ପ୍ରକାଶିତ ହେଉଥିବାରୁ ସେଥିରେ ବ୍ୟାପକ ଅମେଳ ରହୁଥିଲା। ଏଥିରେ ସମନ୍ୱୟ ଆଣିବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦ୍ୱାରା ଭାରତର ପ୍ରସିଦ୍ଧି ଲାଭ କରିଥିବା ସୌର ବୈଜ୍ଞାନିକ ମେଘନାଦ ଶାହାଙ୍କ ନେତୃତ୍ୱରେ ପାଞ୍ଚଜଣ ସୌର ବିଜ୍ଞାନ ବିଶେଷଜ୍ଞଙ୍କୁ ନେଇ ୧୯୫୩ ମସିହାରେ ଗୋଟିଏ କମିଟି ଗଠନ କରିଥିଲେ। କମିଟିରେ ପଠାଣି ସାମନ୍ତଙ୍କ ଅୟନାଂଶକୁ ସମ୍ମାନ ସହ ବିଚାରକୁ ନିଆଯାଇଥିଲା। ସେମାନେ ଉଜ୍ଜୟିନୀକୁ ଆଧାର କରି ଭାରତର ପ୍ରତ୍ୟେକ ସ୍ଥାନର ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ତିଥି ସହ ପଞ୍ଚାଙ୍ଗ ବ୍ୟାପ୍ତିର ସୂଚନା ଦେଇଥିଲେ। ପଞ୍ଚାଙ୍ଗ ବ୍ୟାପ୍ତି ଠିକ୍ ରହିଲେ ହୋରା ଓ ସଂହିତାର ନିର୍ଣ୍ଣୟ ଠିକ୍ ହୁଏ ବୋଲି ପୂର୍ବରୁ ସୂଚନା ରହିଛି। ସେ କେନ୍ଦ୍ର ସରକାରଙ୍କୁ ତା ୨୨-୩-୧୯୫୭ରିଖରେ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ଯାହାକି ଲାହିରୀ ଅୟନାଂଶ ଭାବରେ ସ୍ୱୀକୃତ ହୋଇ ପ୍ରତି ଇଂରାଜୀ ବର୍ଷରେ ସମସ୍ତ ଭାରତୀୟ ଭାଷାରେ ପ୍ରକାଶିତ ହେଉଛି।

## ଓଡିଶାରେ ପ୍ରକାଶ ପାଉଥିବା ପ୍ରମୁଖ ପଞ୍ଜିକା:-

ପୂର୍ବ ଆଲୋଚିତ ଓଡ଼ିଶା କୋହିନୁର ପ୍ରେସ ପଞ୍ଜିକା ରାଜ ପ୍ରଦତ୍ତ ଖଡୀରନ୍ ବଂଶଜଙ୍କ ଦ୍ୱାରା ଗଣନା କରାଯାଇ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସ୍ୱୀକୃତି ପାଉଥିବା ବେଳେ ଉମାକାନ୍ତ ଖଡୀରନ୍‌ଙ୍କ ସହ କୋହିନୁର ପ୍ରେସର ମାଲିକଙ୍କ ସହ ମନାନ୍ତର ଯୋଗୁଁ ସେ ‘ଅସଲି ଖଡୀ ରନ୍ ପଞ୍ଜିକା’ ୧୯୮୮-୮୯ ମସିହାରୁ ନିଜସ୍ୱ ପ୍ରକାଶନ କରୁଥିଲେ। ଏବେ ତାହା ତାଙ୍କର ପୁତ୍ର ଦେବଦର୍ଶୀ ଓ ପ୍ରିୟଦର୍ଶୀ ଖଡୀରନ୍ ଦ୍ୱାରା ପ୍ରକାଶିତ ହେଉଛି। ଏତଦ୍ ବ୍ୟତୀତ କୋହିନୁର ପ୍ରେସ ପଞ୍ଜିକା, ରାଧାରମଣ ପ୍ରେସ ପଞ୍ଜିକା, ଭାଗ୍ୟ ଜ୍ୟୋତି ପଞ୍ଜିକା, ଭାଗ୍ୟ ଦୀପ ପଞ୍ଜିକା, ବୃହତ ଖଡୀରନ୍ ପଞ୍ଜିକା, ବିଶୁଦ୍ଧ ଖଡୀରନ୍ ପଞ୍ଜିକା, ନୂତନ ଖଡୀରନ୍ ପଞ୍ଜିକା, ଜେ ଏନ୍ ତ୍ରିପାଠୀ ପଞ୍ଜିକା, ଶ୍ରୀକ୍ଷେତ୍ର ଖଡୀରନ୍ ପଞ୍ଜିକା, ପରମେଶ୍ୱରୀ ପଞ୍ଜିକା, ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଶାରଳା ପଞ୍ଜିକା, ନୃସିଂହ ପଞ୍ଜିକା, ସମ୍ବାଦ ପ୍ରେସର ଆମ ପାଞ୍ଜି ଆଦି ପ୍ରକାଶ ପାଉଥିବାବେଳେ ଅନେକ ପଞ୍ଜିକା ମଲାଟ ବଦଳାଇ ଯଥାକ୍ରମେ ଖଡୀରନ୍ ପଞ୍ଜିକା, ସାମନ୍ତ ପଞ୍ଜିକା ଓ ବିରଜା ପଞ୍ଜିକା ପ୍ରକାଶ କରୁଥିବାରୁ ଏବଂ ଅନେକ ସଂକ୍ଷିପ୍ତ ପଞ୍ଜିକା ପଞ୍ଜିକା ପ୍ରକାଶ ପାଉଥିବାରୁ ସଂଖ୍ୟା ୩୦ରୁ ଅଧିକ ହୋଇସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପ୍ରତ୍ୟେକ ପଞ୍ଜିକାରେ ତାହା ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ ଆଧାରରେ ଗଣନା କରାଯାଇଥିବା ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରଚଳିତ ବୋଲି ଅଗ୍ରଲେଖାରେ ସୂଚୀତ କରୁଥିବା ବେଳେ ତାହା ସାହିତ୍ୟାଚାର୍ଯ୍ୟ ବା ବ୍ୟାକରଣାଚାର୍ଯ୍ୟଙ୍କ ଦ୍ୱାରା ଲେଖାଯାଉଛି। ଫଳରେ ପଞ୍ଜିକା ମାନଙ୍କରେ ପାରସ୍ପରିକ ବ୍ୟାପକ ଅମେଳ ରହୁଛି।

## ପଞ୍ଜିକା ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା:-

ଆମର ମାନସିକତାରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକା ବିଶ୍ୱାସନୀୟ ହେଉଥିଲା। କିନ୍ତୁ ଗଣକଙ୍କୁ ଗୁରୁତ୍ୱ ପରିବର୍ତ୍ତେ ପ୍ରକାଶକଙ୍କୁ ଗୁରୁତ୍ୱ ଦେଉଥିବାରୁ ଗତ ୧୫ବର୍ଷ ଧରି ପଞ୍ଜିକାରେ ଗୁରୁତର ଅସଙ୍ଗତି ଦେଖିବାକୁ ମିଳୁଥିବା ବେଳେ ପଣ୍ଡିତ ସଭା ସ୍ୱୀକୃତ ଏକାଧିକ ପଞ୍ଜିକାରେ ପାରସ୍ପରିକ ତ୍ରୁଟି ପରିଲକ୍ଷିତ ହେଉଛି। ଫଳରେ ଦକ୍ଷତା ଥିବା ଗଣକମାନେ ପଣ୍ଡିତ ସଭାର ସ୍ୱୀକୃତି ଚାହୁଁ ନଥିବା ବେଳେ ଆଗରୁ ସ୍ୱୀକୃତି ନେଉଥିବା ଅନେକ ପଞ୍ଜିକାକାର ତାଙ୍କ ଠାରୁ ଦୂରେଇ ରହିଛନ୍ତି। ଏହା ସତ୍ୟ ଯେ ଅତୀତର ପାଣ୍ଡିତ୍ୟ ପୂର୍ଣ୍ଣ ପଣ୍ଡିତ ସଭାରେ ଜ୍ୟୋତିଷ ଓ ଧର୍ମଶାସ୍ତ୍ରରେ ଧୂରୀଣ ପଣ୍ଡିତମାନେ ଥିବାବେଳେ ଏବେ ତାହା ନାହିଁ। କିନ୍ତୁ ପଣ୍ଡିତ ସଭା ନିଜର ଗାରିମା ବଜାୟ ରଖିବାକୁ ଏବଂ କର୍ମକର୍ତ୍ତାଙ୍କ ସ୍ୱାର୍ଥ ସାଧନ ପାଇଁ ନିର୍ଦ୍ଦିଷ୍ଟ ଦୁଇଟି ପଞ୍ଜିକାକୁ ଲିଖିତ ଓ ଅଲିଖିତ ବହୁ ଅର୍ଥ ବିନିମୟରେ ସ୍ୱୀକୃତି ପତ୍ର ଦେଉଛନ୍ତି। ଏହାଦ୍ୱାରା ପଞ୍ଜିକା ପ୍ରକାଶକ ବ୍ୟବସାୟିକ ସଫଳତା ପାଉଥିଲେ ମଧ୍ୟ ଗଣନା ବା ଧର୍ମଶାସ୍ତ୍ରୀୟ ବ୍ୟବସ୍ଥା ତ୍ରୁଟି ଯୋଗୁଁ ବିଗତ କିଛି ବର୍ଷଧରି ଆମ ଓଡ଼ିଆ ଘରର ପୂଜା ଓ ପର୍ବ ପର୍ବାଣୀକୁ ନେଇ ଯେଉଁ ଅସଙ୍ଗତି ଦେଖାଯାଉଛି ତାହା ସାଧାରଣ ବ୍ୟକ୍ତିମାନଙ୍କୁ ବିଭ୍ରାନ୍ତ କରାଉଛି। ଏହା ଶାସ୍ତ୍ର ସମ୍ମତ ଯେ ଅକାଳରେ କୌଣସି ବ୍ରତ ବା ପୂଜା କରାଗଲେ ତାହା ଶୁଭ ଫଳ ପରିବର୍ତ୍ତେ ନିଜ ସହ ରାଜ୍ୟକୁ ଅଶୁଭ ଫଳ ଦେଇଥାଏ। ତେଣୁ ପଞ୍ଜିକା ଯଦି ତ୍ରୁଟି ଯୁକ୍ତ ହୁଏ ତାହା ଆମର ଦୈନିକ ଚଳଣୀ ଠାରୁ ବାର୍ଷିକ ଚଳଣୀକୁ ନିଶ୍ଚିତ ପ୍ରଭାବିତ କରିବ। ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ନିର୍ଦ୍ଧାରିତ ପର୍ବାଦିକୁ ଶ୍ରୀମନ୍ଦିର ନୀତି ଭାବରେ ଗ୍ରହଣ କରାଯାଉଥିଲା। କିନ୍ତୁ ୨୦୧୦ ମସିହା ଦେବସ୍ନାନ ପୂର୍ଣ୍ଣିମା ସଂଗଠିତ ଚନ୍ଦ୍ରଗ୍ରହଣର ସର୍ବ ମୋକ୍ଷ ପରେ ଚନ୍ଦ୍ରୋଦୟ ଯୋଗୁଁ ଓଡ଼ିଶାରେ ପାଳନୀୟ ନୁହେଁ ବୋଲି ସମସ୍ତ ପଞ୍ଜିକାରେ ଲିଖିତ ଥିଲେ ମଧ୍ୟ ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ସୂର୍ଯ୍ୟାସ୍ତ ସମୟ ତ୍ରୁଟି ଯୋଗୁଁ ଏହା ପାଳନୀୟ ଦର୍ଶାଯାଇଥିଲା। ଶ୍ରୀମନ୍ଦିରର ତତ୍କାଳୀନ ମୁଖ୍ୟ ପ୍ରଶାସକ ଏହାକୁ ସଂଶୋଧନ ପାଇଁ ବାରମ୍ବାର କହିବା ସତ୍ତ୍ୱେ ପଣ୍ଡିତସଭା ସମ୍ପାଦକ ଓ ଜନୈକ ସଭ୍ୟ ତାଙ୍କୁ ସମାଲୋଚନା କରିଥିଲେ। ତାଙ୍କର ପାଣ୍ଡିତ୍ୟ ଅଭାବ ବୋଲି ନିଶ୍ଚିତ ହୋଇ ଶ୍ରୀମନ୍ଦିରର କୌଣସି ନୀତି ପାଳନରେ ପଣ୍ଡିତ ସଭାର ସ୍ୱୀକୃତି ଅନାବଶ୍ୟକ ବୋଲି ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ ଜଣାଇଥିଲେ। କିନ୍ତୁ ପରବର୍ତ୍ତୀ ମୁଖ୍ୟ ପ୍ରଶାସକ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ରହୁଥିବା ତ୍ରୁଟି ସୁଧାରିବା ଏବଂ ନିର୍ଭୁଲ ପଞ୍ଜିକା ପ୍ରକାଶନ ପାଇଁ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଅନୁରୋଧ କରିବାରେ ସେ ତାଙ୍କ ମଠରେ ସମସ୍ତ ଅଗ୍ରଣୀ ପଞ୍ଜିକାକାର ମାନଙ୍କର ଏକାଧିକ ବୈଠକ କରାଇଥିଲେ। କିନ୍ତୁ ସେଠାରେ ଜଣାଗଲା ଯେ ପଣ୍ଡିତ ସଭାର ସ୍ୱୀକୃତି ପୂର୍ବରୁ ନିର୍ଦ୍ଦିଷ୍ଟ ଦୁଇଟି ପଞ୍ଜିକା ଛପା ହୋଇଯାଉଛି। ଆଲୋଚନା ଚାଲିଥିବା ବେଳେ ପଣ୍ଡିତ ସଭାର ତତ୍କାଳୀନ ସମ୍ପାଦକଙ୍କର ପୂର୍ବାଗ୍ରହ ଥିବା ପଞ୍ଜିକା ଦ୍ୱୟକୁ ସ୍ୱୀକୃତି ପତ୍ର ପ୍ରଦାନରେ ଗୁରୁଜୀ କ୍ଷୁବ୍ଧ ହୋଇ ଆଲୋଚନା ବାତିଲ କରିଦେଲେ। ଫଳତଃ ୨୦୧୮ ମସିହାରେ ମହାଶିବରାତ୍ରି ନିର୍ଣ୍ଣୟ କେବଳ ‘ଅସଲି ଖଡୀ ରନ୍ ପଞ୍ଜିକା’ ବ୍ୟତୀତ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକା ସମେତ ତାଙ୍କୁ ଅନୁସରଣ କରିଥିବା ପଞ୍ଜିକାରେ ସର୍ବଭାରତୀୟ ସ୍ତରରେ ପାଳିତ ଦିନର ପରଦିନ ପାଳନୀୟ ହେବା ପଣ୍ଡିତ ସଭାର ସମ୍ମାନ ଯଥେଷ୍ଟ କ୍ଷୁର୍ଣ୍ଣ କରିଥିଲା। ପୂର୍ବରୁ ପଣ୍ଡିତ ସଭା ସ୍ୱୀକୃତ ପର୍ବାଦିକୁ ଶ୍ରୀମନ୍ଦିରରେ ଗ୍ରହଣ କରାଯାଉଥିଲା ବେଳେ ଏବେ ଶ୍ରୀମନ୍ଦିରର ସେବକଙ୍କ ଦ୍ୱାରା ନିର୍ଣ୍ଣିତ ପର୍ବାଦିକୁ ପଣ୍ଡିତ ସଭା ଗ୍ରହଣ କରୁଛି। ଏହାଦ୍ୱାରା ସଭାପତି ଓ ସମ୍ପାଦକଙ୍କ ସ୍ୱାର୍ଥ ପାଇଁ ପଣ୍ଡିତ



ଚିଠି ପତ୍ର




ସଭା ସାମଗ୍ରିକ ଭାବରେ ନିନ୍ଦିତ ହେଉଛି। ଏବେ ପଣ୍ଡିତ ସଭା କାର୍ଯ୍ୟପାଳିକାର ସମୟ ୨୦୨୦ ମସିହାରୁ ଶେଷ ହୋଇଥିବାରୁ ତାର ମଧ ବୈଧତା ନାହିଁ। ଚଳିତବର୍ଷ ମହାବିଷୁବ ସଂକ୍ରାନ୍ତି ଠାରୁ ଭାଇଜୀଉନ୍ତିଆ ଦିନ ନିର୍ଦ୍ଧାରଣ ପରି ଅନେକ ତ୍ରୁଟି ଓ ପଞ୍ଚାଙ୍ଗ ବ୍ୟାପ୍ତିରେ ପାରସ୍ପରିକ ତ୍ରୁଟି ରହିଛି। ଆଗାମୀ ସରସ୍ୱତୀ ପୂଜା ଦିନ ନିର୍ଦ୍ଧାରଣ ମଧ ବିବଦମାନ ହେବା ନିଶ୍ଚିତ ହୋଇଛି। ଏତଦବ୍ୟତୀତ ବିଷ୍ଣୁ ପୁରାଣରେ ସୂର୍ଯ୍ୟଙ୍କର ଶୀର୍ଷ ବିନ୍ଦୁ ଦର୍ଶନକୁ ସୂର୍ଯ୍ୟୋଦୟ ସମୟ ନିର୍ଦ୍ଧାରିତ ସତ୍ତ୍ୱେ ଏହି ପଞ୍ଜିକା ଦ୍ୱାରରେ ମଧ ବିନ୍ଦୁ ଦର୍ଶନକୁ ସୂର୍ଯ୍ୟୋଦୟ ଦର୍ଶାଇବା ତ୍ରୁଟି ଯୁକ୍ତ। ସେହିପରି ପଞ୍ଜିକା ଦ୍ୱୟରେ ପ୍ରଦତ୍ତ ସୂର୍ଯ୍ୟୋଦୟ ସମୟ ସହ ସେହି ପଞ୍ଜିକା ପ୍ରଦତ୍ତ ରାଜ୍ୟର ବିଭିନ୍ନ ସ୍ଥାନର ସ୍ଥାନୀୟ ଲଗ୍ନ ଭୋଗ(ଫଳ ପ୍ରଭା ଆଙ୍ଗୁଳି) ମିଶାଇଲେ ତାହା ସୂର୍ଯ୍ୟାସ୍ତ ସମୟରୁ ଅନେକ ତଫାତ ରହୁଛି । ଏହାଦ୍ୱାରା ବିଭିନ୍ନ ଶୁଭ କାର୍ଯ୍ୟ ସହ ଜନ୍ମ ଜାତକ ପ୍ରସ୍ତୁତିର ଲଗ୍ନ ନିର୍ଦ୍ଧାରଣ ତ୍ରୁଟି ଯୁକ୍ତ ହେବା ନିଶ୍ଚିତ ହୋଇଛି।

### ପଞ୍ଜିକା ଓ କ୍ୟାଲେଣ୍ଡର:-

ପଞ୍ଜିକା ସୌରବର୍ଷ ଆରମ୍ଭରୁ ପ୍ରଚଳିତ ହେଉଥିବାବେଳେ କ୍ୟାଲେଣ୍ଡର ଇଂରାଜୀ ବର୍ଷାରମ୍ଭରୁ ପ୍ରଚଳିତ ହୁଏ। କିନ୍ତୁ ପଞ୍ଜିକାକାର ମାନେ ବ୍ୟବସାୟିକ ଉଦ୍ଦେଶ୍ୟରେ ଲକ୍ଷ ସଂଖ୍ୟାରେ ସଂକ୍ଷିପ୍ତ ପଞ୍ଜିକା ନାମରେ କ୍ୟାଲେଣ୍ଡର ଚାପି ବିକ୍ରି କରନ୍ତି। କିନ୍ତୁ କ୍ୟାଲେଣ୍ଡର ପ୍ରଚଳିତ ବେଳକୁ ପଞ୍ଜିକା ସଂଶୋଧନ ହେଉ ନଥିବାରୁ ସେଥିରେ ପ୍ରଦତ୍ତ ଅନେକ ପର୍ବପର୍ବାଣୀ ଏବଂ ଶୁଭ ଦିନ ନିର୍ଦ୍ଧାରଣ ତ୍ରୁଟି ଯୁକ୍ତ ହେଉଛି। ଲୋକଙ୍କ ସଂକ୍ଷିପ୍ତ ପଞ୍ଜିକା ମାନସିକତା ଏବଂ ପୂର୍ବରୁ ଦକ୍ଷ ଗଣକ ଦ୍ୱାରା ନିର୍ଭୁଲ ସାବ୍ୟସ୍ତ କୋହିନୂର ପ୍ରେସ ପ୍ରତି ରହିଥିବା ଭାବାବେଗର ସୁଯୋଗ ନେଇ ପ୍ରକାଶକ ଯଥେଷ୍ଟ ଆର୍ଥିକ ଲାଭ ପାଉଥିବାବେଳେ ଲୋକମାନେ ବିଭ୍ରାନ୍ତ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗଣକଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏକ ପଞ୍ଜିକା ପ୍ରକାଶ କରିବା ସମୀଚୀନ ମନେହୁଏ। ଏଥିପାଇଁ ଅନେକ ଗଣମାଧ୍ୟମରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇସାରିଛି।

୧୧୩, ଗୁଣ୍ଡିଚା ବିହାର ପୁରୀ-୨
ମୋ:- ୭୯୭୮୭୮୫୪୭୮




## ମନକୁ ଆସିଲା ଯାହା ୬୬

# ଭାରତୀୟ ରେଳ...ଜିନ୍ଦାବାଦ



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଟ୍ରେନ ଛାଡିବାକୁ ଆହୁରି ୨ ଘଣ୍ଟା ବାକି ଥାଏ। ମୁଁ ଆସି ପହଞ୍ଚିସାରିଥାଏ ହାଓ୍ୱଡା ରେଳଷ୍ଟେସନରେ। ପୁରୀ ଯିବାକୁଥିବା ଜଗନ୍ନାଥ ଏକ୍ସପ୍ରେସ ସେଯାଏଁ ପ୍ଲାଟଫର୍ମରେ ବି ଲାଗିନଥାଏ, କିନ୍ତୁ ପ୍ଲାଟଫର୍ମରେ ଦଉଡ଼ି ବନ୍ଧାହୋଇ ଧାଡ଼ି ଧାଡ଼ି ବ୍ୟାଗ ରଖାହୋଇଥାଏ। କେଇଟା ଜାଗାରେ ଚପଲ ଜୋତା ବି ଧାଡ଼ିରେ ଲାଗିଥାଏ। ଅବଶ୍ୟ କେଇ ଜାଗାରେ ଲୋକ ବି ବସିଥାନ୍ତି ଧାଡ଼ିରେ। ମୁଁ ସେଠାରେ ଥିବା ପୋଲିସ ଭାଇଙ୍କୁ ପଚାରି ବୁଝିଲି ଯେ, ଯେଉଁମାନଙ୍କର ଆରକ୍ଷିତ ସିଟ୍ ନାହିଁ, ସେମାନେ ସ୍ଲିପର (ଶୟନଯାନ) କୋଚରେ ଚଢି ପାରିବେ ନାହିଁ। ସେମାନଙ୍କୁ ସାଧାରଣ ଅନାରକ୍ଷିତ ବଗିରେ ଶୃଙ୍ଖଳିତ ଭାବେ ଚଢେଇବା ପାଇଁ ପୋଲିସ ପକ୍ଷରୁ ଏ ଦଉଡ଼ିବନ୍ଧା ବ୍ୟବସ୍ଥା କରାହେଇଛି। ମୋର ମନେପଡ଼ିଗଲା, ଛଠପୂଜା କି ଦିପାବଳୀ ସମୟରେ ଦିଲ୍ଲୀ ଷ୍ଟେସନରେ ଏମିତି ଭିଡ ଯୋଗୁଁ ଦଳାଚକଟା ହେଇ କେଇଜଣଙ୍କର ପ୍ରାଣହାନୀ ହେବା ପରଠୁଁ ଏବେ ସେଠାରେ ପ୍ଲାଟଫର୍ମକୁ ପ୍ରବେଶ କରିବା ଉପରେ ବି କଟକଣା ଲଗାଯାଇଛି। କିନ୍ତୁ ଏତେ ସବୁ ସତ୍ତ୍ୱେ ମଧ ଭିଡ କମୁଛି କି ? ବରଂ ଦିନକୁ ଦିନ ଭିଡ଼ ବଢିବାରେ ଲାଗିଛି, ତେଣୁ ଏଠି ଏପରି ଧାଡି ବ୍ୟବସ୍ଥା କରାଯାଇଛି।

ଏତେ ଭିଡ଼ରେ ଠେଲାପେଲା ହୋଇ ପୋକମାଛି ପରି ରେଳରେ ଚଢୁଛନ୍ତି ସିନା, ସିଟ୍ ଖଣ୍ଡିଏ ପାଇଁ ଟ୍ରେନ ଭିତରେ ମାରପିଟ ଝଗଡା ବି କରୁଛନ୍ତି। ପୁଣି କିଏ ଟ୍ରେନର ଶୌଚାଳୟରେ ବି ବସିରହି ଏକାଦିକ୍ରମେ ଅନେକ ଦୂରବାଟ ଯାତ୍ରା କରୁଛନ୍ତି ସିନା ଭିଡ କିନ୍ତୁ କମୁନାହିଁ। ବଗିର ଦରଜା ପାଖରେ ପାହାଚ ଉପରେ ଗୋଡ଼ ଓହଳେଇ ବସିରହି, ପୁଣି ଉପର ସିଟ୍ ୨ଟି ମଝିରେ ଗାମୁଛା ବାନ୍ଧି ସେଥିରେ ଦୋଳି ପରି ଝୁଲିଝୁଲି ମଧ ଓଡିଶାରୁ ବାଙ୍ଗାଲୋର ପର୍ଯ୍ୟନ୍ତ ଯିବା ମୁଁ ଦେଖିଛି। ମୁମ୍ବାଇର ଲୋକାଲ ଟ୍ରେନରେ ଥରେ ସନ୍ଧ୍ୟାବେଳେ ଚଢିବାକୁ ଚେଷ୍ଟା କରି ମଧ ମୁଁ ଚଢିପାରି ନଥିବାର ଓ ପରେ ଠେଲା ପେଲାରେ ନିଜ ଚଷମା ହରେଇଥିବାର ଦୁଃଖ ଏବେବି ତାଜା ଅଛି ମୋ ମନରେ। ପୁଣି ବେଳେବେଳେ ମୁଁ ଭାବେ ମଣିଷର ଦାୟିତ୍ୱବୋଧ ଏବଂ କର୍ମମୟ ଜୀବନର ଜଞ୍ଜାଳ ଏତେବେଶୀ ହୋଇଯାଏ ଯେ ଯେନତେନ ପ୍ରକାରେଣ ସେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ହିଁ ଚାହେଁ। ଏତିକିବେଳେ ସେ ଦେଖେ ପଇସାକୁ। ଅଧିକ ପଇସା ଖର୍ଚ୍ଚ କରି ବିମାନରେ ଯିବ ନାଁ ଅଳ୍ପକିଛି ପଇସାରେ ଟ୍ରେନର ଭିଡ଼ ଭିତରେ ଯାଇପାରିବ। ଏପଟେ ସୀମିତ ଆୟକୁ ସେପଟେ ନିଜ ଦେହର କଷ୍ଟ ଯନ୍ତଣା। ଘର ପରିବାର ପାଇଁ ଆଉକିଛି ପଇସା ସଞ୍ଚିନେବାର, ବଞ୍ଚେଇ ରଖିବାର ମୋହ ଜିତିଯାଏ, ସେ ବାଛିନିଏ କଷ୍ଟକର ଟ୍ରେନଯାତ୍ରାକୁ। ଏଥର ଆରମ୍ଭ ହୁଏ ଅସଲ ଯନ୍ତଣା..!!

ଟ୍ରେନର ସ୍ଲିପର କୋଚ୍ ପାଇଁ ଅନେକ ଦିନ ଆଗରୁ ଆରକ୍ଷିତ ସିଟ୍ ସବୁ ସରିଯାଇଥାଏ। ପ୍ରତୀକ୍ଷା ସୂଚୀ ବି ଲମ୍ବି ଚାଲିଥାଏ ଅନେକ ଦୂର ଯାଏ। କେବଳ ଏକମାତ୍ର ଭରସା ତତ୍କାଳ ଟିକେଟ୍। କିନ୍ତୁ ସେ ବି ଖୋଲିବ ଯାତ୍ରାର ଠିକ୍ ଦୁଇ ଦିନ ପୂର୍ବରୁ ଏବଂ ଭାରତୀୟ ରେଳବାଇର ଏକି ପ୍ରକାର ମାୟା ଯେ, ଖୋଲିବାର କେଇ ସେକେଣ୍ଡ ମଧରେ ସବୁତକ ତତ୍କାଳ ଟିକେଟ ଗାୟବ ହୋଇସାରିଥିବ। ନଚେତ୍ ଠିକ୍ ଆରକ୍ଷଣ ଦ୍ୱାର ଖୋଲିବା ପୂର୍ବରୁ ହିଁ ଅଚାନକ ଆଇଆରସିଟିସିର ସର୍ଭର ଡାଉନ୍ ହୋଇଯିବ। ଅବଶ୍ୟ, ମାତ୍ର ଦୁଇ ତିନି ମିନିଟ୍ ମଧରେ ପୁଣି ସବୁ କିଛି ଠିକ୍ ହୋଇଯିବ ଓ ସାମାନ୍ୟ ସ୍ଥିତି ଫେରିଆସିବ। କିନ୍ତୁ ସେତେବେଳକୁ ସିଟ୍ ଆଉ ଉପଲବ୍ଧ ନଥିବ। କେହି ମୁହୂର୍ତ୍ତ ଆଗରୁ ୬୦ଟି ସିଟ୍ ଉପଲବ୍ଧ ଦେଖାଉଥିଲା ବେଳେ ଏବେ କିନ୍ତୁ ପ୍ରତୀକ୍ଷା ସୂଚୀରେ ୨୪ ନହେଲେ ୩୦ ଦେଖାଉଥିବ, ଯାହା କେବେ ବି କନଫର୍ମ ବା ନିଶ୍ଚିତ ଆରକ୍ଷଣ ହେବ ନାହିଁ। ଏତିକି ବେଳେ ହିଁ ଆରମ୍ଭ ହେବ ଗଳାବାଟ ଖୋଜିବା।

କିଏ ଦଲାଲକୁ ପଇସା ଦେଇଥିବ ତ ଆଉ କିଏ ଟ୍ରାଭେଲ ଏଜେଣ୍ଟକୁ ଆଧାର କାର୍ଡ ସହ କିଛି ଅଧିକ ପଇସାର ଲୋଭ ଦେଖାଇଥିବ ଟିକେଟ୍ ଖଣ୍ଡେ କରିବା ପାଇଁ। କିଏ ରେଳବାଇର ଉଚ୍ଚ ଅଧିକାରୀ ବା କିଏ ନେତା କି ମନ୍ତ୍ରୀକୁ ଧରିଥିବ, ମୁଖ୍ୟାଳୟର କୋଟା ପକେଇ ପ୍ରତୀକ୍ଷା ସୂଚୀର ଟିକେଟ କୁ କନଫର୍ମ କରିବା ପାଇଁ। ନଚେତ୍ ମନସ୍ଥ କରିଥିବ ଟ୍ରେନ ଭିତରେ ଟିଟିଇଙ୍କୁ କିଛି ହାତଗୁଞ୍ଜା ଦେଇ ସିଟ୍ ଖଣ୍ଡିଏ ହାତେଇନେବ ବୋଲି। ଯଦି ଏସବୁ କିଛି ବି ନ ହୋଇପାରିଲା, ତେବେ ଦୁଇଟି ଡବା ମଝିରେ ଶୌଚାଳୟ ପାଖରେ ଥିବା ଖାଲି ଜାଗାରେ ବି ଗାମୁଛା କି ଖବର କାଗଜ ଖଣ୍ଡେ ପାରିଦେଇ ବସିଯିବ କଷ୍ଟେମଷ୍ଟେ। ଏଥିପାଇଁ ନିଜ ମନରେ ସାହସ ସଂଚୟ କରୁଥିବ ଲୋକଟିଏ। ଅସଲ ସତକଥା ଏୟା ଯେ, ସୁଖ ସ୍ୱଚ୍ଛନ୍ଦରେ ଯାତ୍ରା କରିବାକୁ କିଏ ବା ନଚାହେଁ ଯେ, ମାତ୍ର ସେଥିପାଇଁ ଟିକେଟ ଥିଲେ ତ..!! କହିବାକୁ ଗଲେ, ଭାରତର ରେଳ ବିସ୍ତାର ବିଶ୍ୱର ଚତୁର୍ଥ ସର୍ବବୃହତ। ମାତ୍ର ବାସ୍ତବ ଚିତ୍ର ଓ ପ୍ରକୃତ ସ୍ଥିତି କିଛି ଭିନ୍ନ। ଏବେ ବି ଅନେକ ରାଜ୍ୟ ଅଛି ଯାହା ରେଳଧାରଣା ଠାରୁ ଦୂରରେ ରହିଛି। ଏବେ ବି ଅନେକ ଜିଲ୍ଲାରେ ରେଳପଥ ଆଦୌ ପହଞ୍ଚିପାରିନାହିଁ।

ଆମେ ସିନା ବିଦ୍ୟୁତୀକରଣ ଓ ବୁଲେଟ୍ ଟ୍ରେନର ସ୍ୱପ୍ନରେ ବିମୋହିତ ହେଉଛୁ। ଦୋହରିକରଣ ଓ ମାଲ ପରିବହନରେ ନୀତି ପ୍ରତିଦିନ ନୂଆ ନୂଆ କିର୍ତ୍ତିମାନ ସ୍ଥାପନ କରିଚାଲିଛୁ। ଉଚ୍ଚ ରେଳପୋଲ ଏବଂ ମେଟ୍ରୋ ପ୍ରକଳ୍ପକୁ ନେଇ ସାରା ବିଶ୍ୱରେ ଗର୍ବ କରୁଛୁ। ମାତ୍ର, ଅସଲ ଚିତ୍ର କିଛି ଭିନ୍ନ ବୋଲି ଆମେ ମାନିବାକୁ ନାରାଜ। ଯାତ୍ରୀ ଭିଡ଼ କମ୍ କରିବା ପାଇଁ ଆମେ ଆଣିଲୁ 'ବିକଳ୍ପ' ଯୋଜନା। ପୁଣି ନିୟମିତ ଭିଡ଼ ହେଉଥିବା ଟ୍ରେନର ସମୟ ସହ ତାଳଦେଇ ଚଳେଇଲୁ ନୂଆ ଟ୍ରେନ। କିନ୍ତୁ, ସେଇ ଏକା ଅବସ୍ଥା, ଯେଉଁ ଅସମ୍ଭାଳ ଭିଡ଼କୁ ସେଇ ଭିଡ଼। ଅବଶ୍ୟ, ଆମ ପଡୋଶୀ ଦେଶ ବାଂଲାଦେଶ ପରି ଟ୍ରେନର ଛାତ ଉପରେ ନିର୍ଦ୍ଦ୍ୱନ୍ଦରେ ବସି ହାଓ୍ୱା ଖାଇଖାଇ ଆନନ୍ଦରେ ଯାତ୍ରା କରୁଥିବା ଭିଡ଼ ଏଯାବତ ଆମେ ଦେଖିନାହୁଁ। ମାତ୍ର, ଆମ ଦେଶର ଟ୍ରେନ ଭିତରର ସାଧାରଣ ବଗିର ଭିଡ଼ ତା'ଠାରୁ ମଧ କୌଣସି ଗୁଣରେ କମ୍ ନୁହେଁ। ଯେଉଁଠି ସୋରିଷ ମୁଠେ ପକେଇଲେ ବି' ତଳେ ପଡିବନି, ସେଠି ଟିକେଟ କଥା ପଚାରେ କିଏ ? କିଛି ମାର୍ଗରେ ତ ଟ୍ରେନରେ ଟିକେ ଖାଲି ଜାଗା ମିଳିଯିବାର ସମ୍ଭାବନା ଥାଏ , ଅନ୍ୟ କେତେକ ରୁଟ୍‌ରେ ସେତିକି ମଧ ମିଳେ ନାହିଁ।

ଏଇଠି ମନେ ପଡୁଛି ପ୍ରଖ୍ୟାତ ଗାଳ୍ପିକ ଗୌରହରି ଦାସଙ୍କ ଭ୍ରମଣ ଉପନ୍ୟାସ 'ପ୍ରଥମ ପ୍ରବାସ'ର ଧାଡ଼ିଟିଏ, "ବେଗ ବଢ଼ି ବଢ଼ି ଚାଲିଲେ ଆବେଗ କମିଯାଏ ଧୀରେ ଧୀରେ.."। କେଡ଼େ ସତକଥାଟିଏ ଦେଖିଲେ। ବିମାନ ଯାତ୍ରାରେ ମାଟିରୁ କେଇ ହଜାର ଫୁଟ ଉପରେ ଉଚ୍ଚରେ ଖୁବ ଦ୍ରୁତ ଗତିରେ ଉଡୁଥିଲେ ମଧ ଆମେ ପାଖ ସିଟ୍‌ରେ ବସିଥିବା ମଣିଷଟିକୁ ଚିହ୍ନନ୍ତି ନାହିଁ। କଥା ହେବା ତ ଦୂରର କଥା, ଆମେ ବ୍ୟସ୍ତ ଥାଉ ନିଜ ଫୋନରେ ଭିଡିଓ ଦେଖିବା ନଚେତ ଆଉଟ୍‌ଲୁକ କିମ୍ବା ଇଣ୍ଡିଆ ଟୁଡେ ପରି ସମ୍ଭ୍ରାନ୍ତ ପତ୍ରିକାର ପୃଷ୍ଠା ଓଲଟେଇବାରେ। ଏଥର ଚାଲିଆସନ୍ତୁ ରେଳର ଶୀତତାପ ନିୟନ୍ତ୍ରିତ ଆରକ୍ଷିତ ବଗିକୁ। ଏଠି ସାମାନ୍ୟ କଥାବାର୍ତ୍ତା ହୁଏ ସହଯାତ୍ରୀ ମାନଙ୍କ ସହ ଏବଂ ପ୍ରେମଚନ୍ଦ/ଚେତନ ଭଗତଙ୍କ ବହି ନହେଲେ ନିଜ ଲାପ୍‌ଟପ୍ କି ମୋବାଇଲରେ ଭିଡିଓ ପାଲଟି ଯାଆନ୍ତି ଆମର ବନ୍ଧୁ। କିଏ ଅଫିସ କାମ କରୁଥାଏ ତାହା କିଏ ଶୋଇବାର ମଜା ନେଉଥାଏ। ଶୟନଯାନ ବା ସ୍ଲିପର ଶ୍ରେଣୀକୁ ଚାଲିଆସିଲେ ଆତ୍ମୀୟତାର ସ୍ତର ଆଉଟିକେ ବଢିଯାଏ।

ମାତ୍ର, ଥରେ ଭାରତୀୟ ରେଳର ସାଧାରଣ ବଗିରେ ବସି ଦେଖନ୍ତୁ। ସେଠି କ୍ରିକେଟରୁ ନେଇ ରାଜନୀତି, ସିନେମାରୁ ନେଇ ଅପରାଧ ପର୍ଯ୍ୟନ୍ତ ସବୁକିଛି ଆଲୋଚନା ଚାଲିଥିବ ଅବାଧରେ, ଖୁବ ସହଜ ଭାବରେ। ହାତକୁ ହାତ ହୋଇ ଘୁରିବୁଲୁଥିବ ସେଦିନର ଲୋଚାକୋଚା ହୋଇ ଯାଇଥିବା ଖବରକାଗଜ। ସେଇଠି ତଳେ ବିଞ୍ଚି ହୋଇ ପଡୁଥିବ ବାଦାମ ଚୋପା, ବୁଲାବିକାଳୀଙ୍କର ଅବାଧ ପ୍ରବେଶ ଥିବ ସେ ବଗିରେ। ଶୁଖିଲା ଓ ଅଣ୍ଡା ବରା, ସିଙ୍ଗଡା କି ନରମ ଝାଲମୁଢ଼ି ନଚେତ ହରେକ ମାଲ ୧୦ ଟଙ୍କାର ଖେଳଣା କି ଅନ୍ୟସାମଗ୍ରୀ ବି ଖୁବ ବିକ୍ରି ହେଉଥିବ। ଆଦୌ ପରସ୍ପରକୁ ଜାଣି ନଥିବା ଲୋକେ ବି କଥା ହେଉଥିବେ ଅନେକ ଦିନର ପରିଚିତ ବନ୍ଧୁ ପରି। ଉପର ଥାକରେ ବ୍ୟାଗ ରଖିବାକୁ ନେଇ ଝଗଡା ହେଉଥିବ ସିନା କଥା ପଦକରେ ବାହାରି ପଡୁଥିବ ଆତ୍ମୀୟତା। ସେଇଠି ତାସଖେଳ ଠାରୁ ନେଇ ଝିଅଦେଖା ପର୍ଯ୍ୟନ୍ତ ସବୁକିଛି ଚାଲିଥିବ ଏକା ସାଙ୍ଗରେ। ଏଇ ତ ପ୍ରକୃତ ରେଳଯାତ୍ରା। ତା'ର ଅଲଗା ଏକ ମଜା ଅଛି।

ବିଶ୍ୱାସ କରନ୍ତୁ, ବେଳେ ବେଳେ ମୁଁ କିଛି କାମ ନ ଥାଇ ବି ରେଳର ସାଧାରଣ ଡବାରେ ଏଇଥିପାଇଁ ବସିଯାଏ, ଜୀବନକୁ ଆଉ ଟିକେ ପାଖରୁ ଦେଖିବି ବୋଲି। ନାନାଦି ବୈଚିତ୍ର୍ୟରେ ଭରା ଆମ ଦେଶର ପ୍ରକୃତ ବିବିଧତା ମୋତେ ଦେଖିବାକୁ ମିଳେ ଭାରତୀୟ ରେଳର ଅନାରକ୍ଷିତ ସାଧାରଣ ଡବାରେ, ଏବଂ ସେଇଠି ହିଁ କହିବାକୁ ଇଚ୍ଛା ହୁଏ, ଭାରତୀୟ ରେଳ...ଜିନ୍ଦାବାଦ..!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ଆଇସ୍ ଫେସିୟାଲ୍ ଟିପ୍ସ

ଗ୍ରୀଷ୍ମ ଋତୁରେ ସୂର୍ଯ୍ୟକିରଣ, ଝାଳ ଏବଂ ଅଏଲ୍ ହେତୁ ସ୍କିନ୍ ଦୁର୍ବଳ ଏବଂ କ୍ଳାନ୍ତ ଦେଖାଯାଏ। ଏପରିସ୍ଥିତିରେ ଅନେକ ମହିଳା ତ୍ୱଚାରେ ତୁରନ୍ତ ଥଣ୍ଡା ପାଇବା ପାଇଁ ବରଫ ବ୍ୟବହାର କରିଥାନ୍ତି। ବରଫ ଲଗାଇବା ଦ୍ୱାରା ସ୍କିନ୍ ଥଣ୍ଡା ରହିଥାଏ, ପୋରସ୍ ଟାଇଟ ହୁଏ ଏବଂ ଫୁଲା ମଧ କମିଯାଏ। କିନ୍ତୁ ବରଫକୁ ସିଧାସଳଖ ପ୍ରୟୋଗ କରିବା ଦ୍ୱାରା ତ୍ୱଚା ନଷ୍ଟ ହୋଇପାରେ। ତେଣୁ ଏହାକୁ ଏକ କପଡ଼ାରେ ଗୁଡ଼ାଇ ବ୍ୟବହାର କରିବା ଉଚିତ୍। ଏହାକୁ ଆଇସ୍ ଫେସିୟାଲ୍ ମଧ କୁହାଯାଏ। ଆସନ୍ତୁ ଏହି ଗ୍ରୀଷ୍ମ ଋତୁ ସମୟରେ ଆଇସ୍ ଫେସିୟଲ୍ ବିଷୟରେ କିଛି ଟିପ୍ସ ଜାଣିବା।


## ତ୍ୱଚାରେ ବରଫ ଲଗାଇବାର ଫାଇଦା

ଗ୍ରୀଷ୍ମ ଋତୁରେ ମୁହଁରେ ବରଫ ଘଷିଲେ ସ୍କିନ୍ ତତ୍‌କ୍ଷଣାତ୍ ଥଣ୍ଡା ଏବଂ ଫ୍ରେଶ୍‌ନେସ୍ କରିଥାଏ। ଏହା ଝାଳକୁ ହ୍ରାସ କରିବା ସହ ରୋଶେଜ୍‌ରୁ ମୁକ୍ତି ଦେଇଥାଏ। ସାଧାରଣତଃ ମହିଳାମାନେ ଗ୍ରୀଷ୍ମ ଋତୁରେ ବରଫା ଲଗାଇଲେ ତ୍ୱଚାକୁ ସତେଜ ଅନୁଭବ କରିଥାନ୍ତି।

●ବରଫ ଚର୍ମର ପୋରସ୍‌କୁ ସଙ୍କୁଚିତ କରିବାରେ ସାହାଯ୍ୟ କରିବା ସହ ସ୍କିନ୍‌କୁ ସ୍ମୁଥ୍ ମଧ କରେ।

●ସାଧାରଣତଃ ସକାଳେ ଆଖି ତଳ ଫୁଲିଯାଏ ସେଥିପାଇଁ ବରଫ ବହୁତ ପ୍ରଭାବଶାଳୀ। ବରଫ ବ୍ୟବହାର କଲେ ଫୁଲା କମିଯାଏ ଏବଂ ତ୍ୱଚା ଚମକ ବଢ଼ିଥାଏ।

● ଚେହେରାରେ ଆଇସ୍ ଫେସିୟାଲ୍ କଲେ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ ଏବଂ ଚର୍ମକୁ ପ୍ରାକୃତିକ ଗ୍ଲୋ ଆଣିଥାଏ। ଏହା ଫଳରେ ତ୍ୱଚାର ଉଜ୍ଜ୍ୱଳତାକୁ ମଧ ବୃଦ୍ଧି କରେ।



● ଅଏଲ୍ ସ୍କିନ୍ ଥିବା ମହିଳାମାନଙ୍କ ପାଇଁ ଏହା ବିଶେଷ ଲାଭଦାୟକ। ଯଦି ଆପଣଙ୍କ ଚେହେରାରେ ଅଧିକ ଅଏଲ୍ ଥାଏ ତେବେ ଆଇସ୍ ଫେସିୟାଲ୍ କରିବା ଉଚିତ୍। ଏହା କରିବା ଦ୍ୱାରା ତ୍ୱଚାରୁ ଅଏଲ୍ ଏବଂ ଝାଳର ନିୟନ୍ତ୍ରଣ ହୋଇଥାଏ। ଏହି ଦିନରେ ୧ରୁ୨ ଥର ମୁହଁରେ ବରଫ ଲଗାନ୍ତୁ। ତ୍ୱଚାରେ ବରଫକୁ ଗୋଲାକାର ଭାବେ ହାଲୁକା ମସାଜ୍ କରନ୍ତୁ। ଯେମିତିକି ଗାଲ, ମଥା, ଜଲାଇନ୍ ଏବଂ ଆଖି ତଳ ଭାଗରେ ଲଗାଇବେ। ମେକ୍‌ଅପ୍ ନେବା ପୂର୍ବରୁ ଭଲ ଭାବେ ମୁହଁରେ ବରଫକୁ ମସାଜ୍ କରି ସାରିବା ପରେ ମେକ୍‌ଅପ୍ ନୁଅନ୍ତୁ। କାରଣ ମେକ୍‌ଅପ୍ ଭଲ ଟର୍ ନେବା ସହିତ ଅଧିକ ସମୟ ପର୍ଯ୍ୟନ୍ତ ତ୍ୱଚାରେ ରୁହେ।



ରୋଷେଇ ଘରୁ

## ମାଣ୍ଡିଆ ଜାଉ



ଆବଶ୍ୟକ ସାମଗ୍ରୀ: ମାଣ୍ଡିଆ ପାଉଡ଼ର, ଗାଜର, କ୍ୟାପ୍‌ସିକମ୍, ଗ୍ରୀନ୍ ମଟର, ପିଆଜ, ଟମାଟୋ, କଞ୍ଚାଲଙ୍କା, ଧନିଆପତ୍ର, ଭୃର୍ସୁଙ୍ଗ ପତ୍ର, ଗୋଟା ଜିରା, ଦହି, ଗୋଲମରିଚ ପାଉଡ଼ର, ତେଲ, ସ୍ୱାଦ ଅନୁଯାୟୀ ଲୁଣ ନେବେ।

ପ୍ରଣାଳୀ: ପ୍ରଥମେ ପରିବା ସବୁକୁ ଛୋଟ ଛୋଟ ସାଇଜ୍‌ର କାଟି ରଖନ୍ତୁ। ଗିନାରେ ୧କପ୍ ଦହିରେ ୧କପ୍ ପାଣି ଦେଇ ଗୋଳେଇ ନିଅନ୍ତୁ। ଗୋଟିଏ ଗିନାରେ ୩ଚାମଚ ମାଣ୍ଡିଆ ଚୁନାରେ ପାଣି ନେଇ ପେଷ୍ଟ ପ୍ରସ୍ତୁତ କରିବେ। ପ୍ୟାନ୍‌ରେ ତେଲ ଗରମ ହେଲେ ଜିରା, ପିଆଜ, କଞ୍ଚାଲଙ୍କାକୁ ହାଲୁକା ଭାଜନ୍ତୁ। ସେଥିରେ ଭୃର୍ସୁଙ୍ଗ ପତ୍ର, ଟମାଟୋକୁ ଟିକେ ଭାଜିବେ। ସେହି ଭଳି ଗ୍ରୀନ୍ ମଟର, କ୍ୟାପ୍‌ସିକମ୍, ଗାଜରକୁ ପକାଇ ମିଶେଇ ନିଅନ୍ତୁ। ପରିବା ଅଳ୍ପ ଭାଜି ହେବା ପରେ ଏଥିରେ ଗୋଳେଇ ରଖିଥିବା ଦହି ଏବଂ ମାଣ୍ଡିଆ, ଲୁଣ, ଗୋଲମରିଚ ପାଉଡ଼ର ପକାଇ ଗୋଳାଇବେ। ଶେଷରେ ଧନିଆପତ୍ରକୁ ଦେଇ ଗ୍ୟାସ୍ ବନ୍ଦ କରିନେବେ। ଏହି ମାଣ୍ଡିଆ ଜାଉକୁ ରାତିରେ ରଖି ସକାଳେ ଖାଇପାରିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ସପ୍ତାହଟି ଶରୀର ସୁସ୍ଥ ରହିଲେ ମଧ ଦୁର୍ବଳତା ବୋଧ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ଅଛି। ଦୂର ଯାତ୍ରା କରିପାରନ୍ତି। ଧର୍ମକାର୍ଯ୍ୟରେ ଉତ୍ସାହୀ ହେବେ। ଆୟ ଭଲ ରହିବ। ପ୍ରତିକାର : ପ୍ରତିଦିନ ସକାଳୁ କାଉକୁ ରୁଟି ଦିଅନ୍ତୁ।

**ବୃଷ** ସପ୍ତାହଟି ବିଭିନ୍ନ ଦିଗରୁ ଉନ୍ନତି ହେବ। ଦେହ ସୁସ୍ଥ ରହିବ। ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ପାରିବାରିକ ଅଶାନ୍ତି ଯୋଗ ରହିଛି। ଶିକ୍ଷାରେ ଅନିୟମିତତା ଲାଗି ରହିବ। ବ୍ୟବସାୟରେ କ୍ଷତି ହୋଇପାରେ। ପ୍ରତିକାର : ପ୍ରତିଦିନ ଶିବ ଦର୍ଶନ କରଣୀୟ।

**ମିଥୁନ** ସପ୍ତାହଟି ଫଳ ଉତ୍ତମ। ଶତ୍ରମାନେ ପରାଜିତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ମିଳିବ। ଲକ୍ଷ୍ୟ ପୂରଣ ହେବ। ପାରିବାରିକ ସୁଖ, ଚାକିରିରେ ସ୍ୱାଧୀନତା। ବ୍ୟବସାୟରେ ଉନ୍ନତି ଯୋଗ ରହିଛି। ପ୍ରତିକାର : ହନୁମାନ ଚାଳିଶା ପାଠ କରଣୀୟ।

**କର୍କଟ** ସପ୍ତାହଟି କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବେ। ଆୟ ଭଲ ରହିବ। ତେବେ ଅର୍ଥ ସମସ୍ୟା ଲାଗି ରହିବ। ପାରିବାରିକ ଅସନ୍ତୋଷ। ଶିକ୍ଷାରେ ଉତ୍ତମ ଫଳ ଲାଭ ଓ ବ୍ୟବସାୟର ପ୍ରସାର ଘଟିବ। ପ୍ରତିକାର : ଛୋଟ ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ସିଂହ** ସପ୍ତାହଟି ବାକ୍ ସଂଯମ ଅବଲମ୍ବନ କରନ୍ତୁ। ନଚେତ୍ ଅସମ୍ମାନିତ ହେବେ। ଆୟ ମଧ୍ୟମ ରହିବ। ଶରୀର ସୁସ୍ଥ ରହିବ। ଚାକରିରେ ପ୍ରତିଷ୍ଠା, ଶିକ୍ଷାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ପ୍ରତିକାର : ଅନାଥଙ୍କୁ ସାହାଯ୍ୟ କରନ୍ତୁ।

**କନ୍ୟା** ସପ୍ତାହଟି ଉତ୍ତମ ଫଳ ପ୍ରାପ୍ତି ହେବ। ଆୟ ଅବ୍ୟାହତ ରହିବ। ଦ୍ରବ୍ୟଲାଭ ଯୋଗ ରହିଛି। ପ୍ରିୟାପ୍ରୀତି ତୋଷଣ, ପାରିବାରିକ ସୁଖ ଓ ଚାକିରିରେ ପଦୋନ୍ନତି ଯୋଗ ରହିଛି। ଦୂରଯାତ୍ରା କରିପାରନ୍ତି। ପ୍ରତିକାର: ପ୍ରତିଦିନ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତୁ।

**ତୁଳା** ସପ୍ତାହଟି ନାନା କାରଣରୁ ଅସନ୍ତୋଷ ବଢ଼ିବ। ବନ୍ଧନ ଭୟ ରହିଛି। ଦ୍ରବ୍ୟ ନଷ୍ଟ। ପାରିବାରିକ ତିକ୍ତତା। ଚାକିରିରେ ଅସମ୍ମାନିତ ହୋଇପାରନ୍ତି। ବ୍ୟବସାୟରେ କ୍ଷତି ଯୋଗ ରହିଛି। ପ୍ରତିକାର : ମା' ଲକ୍ଷ୍ମୀଙ୍କ ପୂଜା କରଣୀୟ।

**ବିଛା** ସପ୍ତାହଟି ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ଆଗେଇବେ। ବିଭିନ୍ନ ସୂତ୍ରରୁ ଆୟ ଭଲ ରହିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବେ। ଚାକିରିରେ ଉତ୍‌ଥାନ। ବ୍ୟବସାୟରେ ଲାଭ ଯୋଗ ରହିଛି। ବନ୍ଧୁ ସହଯୋଗ ମିଳିବ। ପ୍ରତିକାର : ମା' ଦକ୍ଷିଣ କାଳୀଙ୍କ ପୂଜା କରଣୀୟ।

**ଧନୁ** ସପ୍ତାହଟି ବ୍ୟୟବହୁଳ। ପ୍ରତିଯୋଗିତାରେ ପରାଜିତ ହେବେ। ବାଧା, ବନ୍ଧନ ଭୟ ରହିଛି। ଯାନବାହନରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କ କୃପାଲାଭ କରିବେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରତିକାର : ଶନିଦେବଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମକର** ସପ୍ତାହଟି ଆୟଠାରୁ ବ୍ୟୟ ଅଧିକ ହେବ। ବନ୍ଧୁବାନ୍ଧବ ସାହାଯ୍ୟ ସହଯୋଗ କରିବେ। ଚାକିରିରେ ପଦୋନ୍ନତି, ସମ୍ମାନ ମିଳିବ। ବ୍ୟବସାୟରେ ଉତ୍ତମ ଲାଭ ହେବ। ମହିଳାମାନେ ଧର୍ମପରାୟଣା ହେବେ। ପ୍ରତିକାର : ପ୍ରତିଦିନ ଜଗନ୍ନାଥଙ୍କୁ ପ୍ରାର୍ଥନା କରନ୍ତୁ।

**କୁମ୍ଭ** ସପ୍ତାହଟି ଶରୀର ସୁସ୍ଥ ରହିବ। ବୃଥା ଭ୍ରମଣ ଯୋଗ ରହିଛି। କର୍ମସ୍ଥଳରେ ସ୍ୱାଧୀନତା ବଢ଼ିବ। ବନ୍ଧୁମିଳନ ଯୋଗ ରହିଛି। ଗୃହକାର୍ଯ୍ୟ ସମ୍ପାଦନ କରିବେ। ଚାକିରିରେ ପ୍ରଶଂସା ଲାଭ କରିବେ। ପ୍ରତିକାର : ଶନିବାର ଦିନ ଶିବଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ମୀନ** ସପ୍ତାହଟି ବିଭିନ୍ନ କ୍ଷେତ୍ରରେ ଅର୍ଥବ୍ୟୟ ଯୋଗ ରହିଛି। ନୈରାଶ୍ୟ ଓ ଦ୍ରବ୍ୟହାନି ହୋଇପାରେ। ଛାତ୍ରଛାତ୍ରୀ ପାଠରେ ମନୋନିବେଶ କରିବେ। ମହିଳାମାନେ ଧର୍ମପରାୟଣା ହେବେ। ବନ୍ଧୁ ସହଯୋଗ ଲାଭ କରିବେ। ଋଣ କରିପାରନ୍ତି। ପ୍ରତିକାର : ବିଷ୍ଣୁ ଭଗବାନଙ୍କୁ ପୂଜାର୍ଚ୍ଚନା କରନ୍ତୁ।

ସଂସ୍କୃତି ଓ ପରମ୍ପରା

**ରାଜ୍ୟର ବହୁ ସ୍ଥାନରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଭଞ୍ଜନଗରରେ ଏକୋଇଶି ଦିନ ବ୍ୟାପୀ ଆୟୋଜିତ ଯାତ୍ରା ଓଡ଼ିଶା ପ୍ରସିଦ୍ଧ । ଭଞ୍ଜନଗରରେ ଅନୁଷ୍ଠିତ ଠାକୁରାଣୀ ଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ । ଏହିଯାତ୍ରାର ବିଶେଷତ୍ୱ ହେଲା ଯେ, ଏଠାରେ ଠାକୁରାଣୀଙ୍କ ଘଟଯାତ୍ରା ସଙ୍ଗେ ଭଞ୍ଜ ବଂଶର ଆରାଧଦେବୀ ବାଗ୍‌ଦେବୀଙ୍କୁ ଏକତ୍ର ପୂଜା କରାଯାଏ ଯାହା ରାଜ୍ୟର ଅନ୍ୟ କୌଣସି ଯାତ୍ରାରେ ଦେଖାଯାଏ ନାହିଁ ।**

# ଭଞ୍ଜନଗରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା

■ ଦିଲୀପ ଚାଓ୍ବଡ଼ା



## କିମ୍ବଦନ୍ତୀ –

କିମ୍ବଦନ୍ତୀରୁ ଜଣାପଡ଼େ ଥରେ ମହୁରୀର ଜଣେ ରାଜା ହରିହର ନରେନ୍ଦ୍ର ଦେବ ଆନ୍ଧ୍ରପ୍ରଦେଶରେ ଥିବା ରାଜମହେନ୍ଦ୍ରୀ ରାଜାଙ୍କ ଅତିଥି ହୋଇ ସେଠାକୁ ଯାଇଥିଲେ । ସେହି ଅବସରରେ ନରେନ୍ଦ୍ର ଦେବ ଠାକୁରାଣୀଙ୍କ ଘଟପୂଜା ଦେଖିବାର ସୁଯୋଗ ପାଇଲେ । ଦିନେ ଘଟପୂଜା କରୁଥିବା ଡ଼େରା ସମ୍ପ୍ରଦାୟର ଜଣେ ଲୋକ ରାଜାଙ୍କୁ ଅତି ସୂକ୍ଷ୍ମ ପାଟ ବସ୍ତ୍ରଟିଏ ଭେଟି ଦେବାରୁ ପାଟର କାରୁକାର୍ଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇ ରାଜା ହରିହର ଉକ୍ତ କାରିଗରଙ୍କୁ ସପରିବାର ମହୁରୀରେ ରହି କାର୍ଯ୍ୟ କରିବା ଲାଗି ଆମନ୍ତ୍ରଣ କଲେ । ତାଙ୍କ ଦ୍ୱାରା ଠାକୁରାଣୀ ପୂଜା କରିବାର ବ୍ୟବସ୍ଥା କରାଇଲେ । ଏହାବ୍ୟତୀତ ଏକ କୌତୂହଳ କିମ୍ବଦନ୍ତୀ ଲୋକମୁଖରୁ ଶୁଣାଯାଏ । ଦିନେ ଅର୍ଦ୍ଧରାତ୍ରିରେ 'ବେହେରା'ଙ୍କ ଘର ସାମ୍ନାରେ କୌଣସି ଜଣେ ତରୁଣୀର କ୍ରନ୍ଦନ ଶବ୍ଦ ଶୁଣାଗଲା । ସେ କବାଟ ଖୋଲି ଦେଖିଲେ ସୁନ୍ଦରୀ ଝିଅଟିଏ କାନ୍ଦୁଛି । କାନ୍ଦିବାର କାରଣ ପଚାରିବାରେ ଝିଅଟି କହିଲା ମୋ ବାପାଘରକୁ ଯାଉ ଯାଉ ରାତି ହୋଇଗଲା । କେଉଁଠି ରହିବି ଭାବି କାନ୍ଦୁଛି । ସେ କହିଲେ ଝିଅ ମୁଁ ତୋ ବାପା ପରି । ଆ' ମୋ ଘରେ ରହି ଯା' । କାଲି ସକାଳେ ମୁଁ ତୋତେ ତୋ ବାପା ଘର ଛାଡ଼ି ଆସିବି । ଏତକ କହୁ କହୁ ଝିଅଟି କୁଆଡ଼େ ଉଭେଇ ଗଲା । ବ୍ୟସ୍ତ ହୋଇ ବେହେରା ତାକୁ 'ଝିଅ କୁଆଡ଼େ ଗଲୁ' ସମ୍ବୋଧନ କରି ଚାରିଆଡ଼େ ବହୁତ ଖୋଜିଲେ କିନ୍ତୁ ପାଇଲେ ନାହିଁ । ସକାଳ ହେଲା । ପ୍ରତିଦିନ ପରି ସେହିଦିନ ମଧ୍ୟ ଫୁଲ ନେଇ ସେ ଠାକୁରାଣୀଙ୍କ ମଥାରେ ଦେଲେ । କି ଆଶ୍ଚର୍ଯ୍ୟ ଫୁଲତକ ମୁଣ୍ଡ ଉପରେ ନରହି ତଳେ ପଡ଼ିଯାଉଛି । ଦେବୀ କ'ଣ ଫୁଲ ଗ୍ରହଣ କରୁନାହାନ୍ତି ? ବାରମ୍ବାର ଏପରି ହେବାରୁ ସେ ବିଚଳିତ ହୋଇଗଲେ । ଏଥର ହଠାତ ଶୂନ୍ୟବାଣୀ ହେଲା 'ବାପା ମୁଁ କାଲିଠାରୁ ତୁମ ଝିଅ ହୋଇସାରିଛି । ତେଣୁ ତୁମ ପୂଜା କେମିତି ଗ୍ରହଣ କରିବି ? କାଲି ତୁମେ ମତେ ଝିଅ ବୋଲି ସମ୍ବୋଧନ କରିଛ । 'ବେହେରା' କହିଲେ ଝିଅ ତା' ହେଲେ ଯାତ୍ରା କାଳରେ ତୁ ଅପୂଜା ରହିଯିବୁ ? ଆଉ କ'ଣ ମୋ ଘରୁ ଭୋଗ ଖାଇବା ବନ୍ଦ କରିଦେବୁ ? ଦେବୀ କହିଲେ ବ୍ୟସ୍ତ ହୁଅ ନାହିଁ, ତୁମେ ମନ୍ଦିରରୁ ବାହାରକୁ ଗଲାବେଳେ ଯାହାକୁ ପ୍ରଥମେ ଦେଖିବ ସେ ହେବ ମୋର ପୂଜକ ଏବଂ ଯାତ୍ରା କାଳରେ ତୁମ ଘରେ ତିଆରି ଅନ୍ନଭୋଗ ହିଁ ମୁଁ ଗ୍ରହଣ କରିବି । ବେହେରା ମନ୍ଦିରରୁ ବାହାରକୁ ଆସିବାବେଳେ ପ୍ରଥମେ ଜଣେ ଭଣ୍ଡାରିକୁ ଦେଖି ତାଙ୍କୁ ଦେବୀଙ୍କ ଶୂନ୍ୟବାଣୀ ବିଷୟରେ କହିଲେ । ଭଣ୍ଡାରି ଦେବୀଙ୍କ ଆଜ୍ଞା ଖୁସିରେ ମାନିନେଲେ । ସେହି ଦିନଠାରୁ ଯାତ୍ରାକାଳରେ ଭଣ୍ଡାରି ସମ୍ପ୍ରଦାୟର ଲୋକେ ଠାକୁରାଣୀଙ୍କୁ ପୂଜା କରନ୍ତି । ଏହି ଭଣ୍ଡାରି ପୂଜକମାନଙ୍କୁ 'ଦାମଲା' କୁହାଯାଏ । ଦାମଲା ପରିବାର ଗଞ୍ଜାମ ଜିଲ୍ଲାର ପିତଳ ଗ୍ରାମରେ ବାସ କରୁଥିବାରୁ ତାଙ୍କୁ ପିତଳରୁ ଆମନ୍ତ୍ରଣ କରାଯାଏ ।

## ଯାତ୍ରା ଲାଗି ଠାକୁରାଣୀଙ୍କୁ ଆମନ୍ତ୍ରଣ –

ଯାତ୍ରା ପୂର୍ବଦିନ ପିତଳ ଗ୍ରାମରୁ ଆମନ୍ତ୍ରିତ ହୋଇଥିବା ଦାମଲାମାନେ ଭଞ୍ଜନଗରର ଡ଼େରା ସାହିରେ ଥିବା ଦେଶ ବେହେରାଙ୍କ ପରିବାରର ଜଣଙ୍କ ଘରୁ ମୁଗଜାଇ, ହଳଦି ଦିଆ ଭାତ ନେଇ ସହରର ଚର୍ତୁଦିଗରେ ରଖି କୁକୁଡ଼ା ବଳି ଦେଇ ପୂଜା କରନ୍ତି । ଚାରି ଦିଗରେ କୁକୁଡ଼ା ବଳି ଦେଇ ଦିଗ ବନ୍ଧେଇ ଦିଆଯାଏ । ଏମିତି ଠାକୁରାଣୀଙ୍କ ଆମନ୍ତ୍ରଣର ପ୍ରଥମ ପର୍ବ ଆରମ୍ଭ ହୁଏ । ଠାକୁରାଣୀଙ୍କୁ ଆମନ୍ତ୍ରଣ ପାଇଁ ଡ଼େରା ସମ୍ପ୍ରଦାୟର ଜଣେ ଦୁଇଜଣ ସ୍ତ୍ରୀ ଲୋକ ଉପବାସ କରି ପୂଜା ସାମଗ୍ରୀ ଯୋଗାଡ଼ରେ ଲାଗିପଡ଼ନ୍ତି । ସେମାନେ ଗୋଟିଏ ନୂଆ ବାଉଁଶ ତାଟରେ ଅରୁଆ ଚାଉଳ, ଗୁଆ, ହରିଡ଼ା, ଦୀପ, ଧୂପକାଠି, ନୂଆ ଶାଢ଼ି, କଳାଚୂଡ଼ି, କଜ୍ଜ୍ୱଳ, ସିନ୍ଦୂର, ଗୋଟିଏ ଇଟମଳା ଫୁଲ ମାଳ(ଯାହାକି ଆଜ୍ଞାମାଳ ନାମରେ ନାମିତ) ନେଇ ଅର୍ଦ୍ଧରାତ୍ରିରେ ଠାକୁରାଣୀଙ୍କ ମନ୍ଦିରକୁ ଯାଇ ଦେବୀଙ୍କୁ ଆମନ୍ତ୍ରଣ କରନ୍ତି । ଆମନ୍ତ୍ରଣର ବିଧି ହେଲା ଉପବାସ କରି ପୂଜା ସାମଗ୍ରୀ ନେଇଥିବା ସ୍ତ୍ରୀ ଲୋକ ଜଣକ ଇଟମଳା ଫୁଲମାଳ ଦେବୀଙ୍କ ମୁଣ୍ଡ ଉପରେ ରଖି ପୂଜାସାରି ଶାଢ଼ି କାନି ପାତି ଦେବୀଙ୍କୁ ଯାତ୍ରା ଉଦ୍ଦେଶ୍ୟରେ ଆମନ୍ତ୍ରଣ କରିବେ । ସେହି ସମୟରେ ହଜାର ହଜାର ଭକ୍ତ ହୁଳହୁଳି ପକାଇ ଥାଆନ୍ତି ଓ ବାଜା ବାଜୁଥାଏ । ଯେତେବେଳେ ଫୁଲମାଳଟି ଦେବୀଙ୍କ ମସ୍ତକ ଉପରୁ ଆପେ ଆପେ ଶାଢ଼ି କାନିରେ ପଡ଼େ ସେତେବେଳେ ଜଣା ପଡ଼େ ଦେବୀ ଫୁଲ ମାଳରେ ବିଜେ କରି ଯାତ୍ରାରେ ଯିବା ଲାଗି ସମ୍ମତି ଜଣାଇଲେ । ଦେବୀ ଫୁଲ ମାଳରେ ବିଜେ ଥିବାରୁ ସେହି ଆଜ୍ଞାମାଳ ରଖାଯାଇଥିବା ହାଣ୍ଡିକୁ ଦେବୀଙ୍କ ଆକାରରେ ସଜାଯାଏ । ବଡ଼ ହାଣ୍ଡିକୁ ବାଦ୍ ଦେଲେ ଆହୁରି ଚାରୋଟି ହାଣ୍ଡିରେ ପୂଜା ଜିନିଷ ରଖାଯାଇ ପୂଜା କରାଯାଏ ।



## ବାଗ୍‌ଦେବୀଙ୍କ ଆମନ୍ତ୍ରଣ ବିଧି –

ଠାକୁରାଣୀଙ୍କୁ ଆମନ୍ତ୍ରଣ କରାଯିବା ପୂର୍ବରୁ ପ୍ରଥମେ ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରାଯାଏ । ବାଗ୍‌ଦେବୀ ଗମ୍ଭିରାରେ ବିଜେ କରିବା ପରେ ଠାକୁରାଣୀଙ୍କୁ ଆମନ୍ତ୍ରଣ କରାଯାଏ । ଭଞ୍ଜନଗରରେ ଆୟୋଜିତ ଠାକୁରାଣୀ ଯାତ୍ରାରେ ଭଞ୍ଜବଂଶର ଆରାଧଦେବୀ ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରାଯିବା ଘଟଣା ଏଇ ଶତାବ୍ଦୀର । ଶୁଣାଯାଏ ୧୯୨୦ ମସିହାରେ ବ୍ରିଟିଶ ସରକାରଙ୍କ ଜଣେ ଡେପୁଟି କଲେକ୍ଟର ଠାକୁରାଣୀ ଯାତ୍ରାରେ କୁଲାଡ଼ର ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରିବା ପାଇଁ ତତ୍‌କାଳୀନ ଯାତ୍ରା କମିଟିକୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ଯାତ୍ରା କମିଟି ଗ୍ରହଣ କରିନେଇଥିଲେ । ସେହିଦିନରୁ ଭଞ୍ଜନଗର ଠାକୁରାଣୀ ଯାତ୍ରାରେ ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରି ପୂଜା କରାଯାଉଛି । ଯାତ୍ରା ଆରମ୍ଭର ପୂର୍ବଦିନ ବାଗ୍‌ଦେବୀଙ୍କ ମନ୍ଦିରର ପୂଜକ ଗୋଟିଏ ପୂର୍ଣ୍ଣ କୁମ୍ଭରେ ଚାଉଳ, ତମ୍ବା ପଇସା, କଉଡ଼ି ପକାଇ ତାହାରି ଉପରେ ପଇଡ଼ଟିଏ ରଖି ଦୌଡ଼ିରେ ବାନ୍ଧି ଦିଅନ୍ତି ଏହା ଉପରେ ଝୁଣା ଓ ଅଠାରେ ଏକ ଲେପ ତିଆରି କରି କୁମ୍ଭ ଉପରେ ଦେବୀଙ୍କ ମୂର୍ତ୍ତି ତିଆରି ପରେ ସିନ୍ଦୂର ପ୍ରଲେପ ଦେଇ ମଣ୍ଡନ କାର୍ଯ୍ୟ ଶେଷ କରି ସମ୍ପୂର୍ଣ୍ଣ ଦେବୀ ମୂର୍ତ୍ତି ନିର୍ମାଣ କରି ବିଜେ ପ୍ରତିମା ତିଆରିର କାର୍ଯ୍ୟ ସମ୍ପନ୍ନ କରନ୍ତି । ବିଜେ ପ୍ରତିମାରେ ଦେବୀଙ୍କୁ ଆମନ୍ତ୍ରଣ କରାଯାଏ । ତା'ପରେ ବାଗ୍‌ଦେବୀଙ୍କୁ ଭଞ୍ଜନଗର ଅଣାଯାଏ । ବାଗ୍‌ଦେବୀଙ୍କୁ ଭଞ୍ଜନଗର ଅଣାଯିବା ପୂର୍ବରୁ ବିମାନରେ ବସାଇ କୁଲାଡ଼ ଗ୍ରାମ ବୁଲାଯାଏ । ଭଞ୍ଜନଗର ନିକଟସ୍ଥ ବାଉଁଶଲୁଣ୍ଡି ଗ୍ରାମରୁ ଯାଇଥିବା ଏକ ରଙ୍ଗବେରଙ୍ଗ ଶଗଡ଼-କୁଲାଡ଼ ପହଞ୍ଚିବା ପରେ ସେଥିରେ ଦେବୀଙ୍କୁ ବସାଇ ଭଞ୍ଜନଗର ଅଭିମୁଖେ ଶୋଭା ଯାତ୍ରାରେ ଅଣାଯାଏ । ଭଞ୍ଜନଗର ସହରର କଇଁଘ୍ନା ବାକ୍‌ଦେବୀଙ୍କ ମନ୍ଦିରରେ ମା'ଙ୍କୁ ବିଶ୍ରାମ ନିମନ୍ତେ ରଖାଯାଏ । କିଛି ସମୟ ବିଶ୍ରାମ ପରେ ବାଗ୍‌ଦେବୀ ସେଠାରେ ଅଧରପଣା ସେବନ କରନ୍ତି । ଅଧରପଣାରେ ନବାତ, ନଡ଼ିଆ, କଦଳୀ, କର୍ପୂର, ଗୋଲମରିଚ ଆଦି ପଡ଼ିଥାଏ । ଶୋଭାଯାତ୍ରା ସମୟରେ ଘଣ୍ଟ, ମୃଦଙ୍ଗ, ବାଜା, ଆଲୁଅ, ଆତସବାଜିରେ ସମଗ୍ର ସହର ଉତ୍ସବ ମୁଖରେ ହୋଇଯାଏ । ଶେଷରେ ଦେବୀଙ୍କୁ ଉଦ୍ଦିଷ୍ଟ ଗମ୍ଭିରା ଘରେ ବିଜେ କରାଯାଏ । ସେଠାରେ ସେ ବିଶ୍ରାମ ନିଅନ୍ତି ।

ଯାତ୍ରା ଶେଷଦିନ ହଜାର ହଜାର ଭକ୍ତ ଉଭୟ ଦେବୀଙ୍କୁ ବିଦାୟ ଦିଅନ୍ତି । ଠାକୁରାଣୀଙ୍କ କଳସ ଧରିବା ପାଇଁ ମାନସିକ କରିଥିବା ସ୍ତ୍ରୀ ଲୋକମାନେ ଯେଉଁ କଳସ ଧରିଥାନ୍ତି ତାଙ୍କୁ ଶୀତଳ ହାଣ୍ଡି କୁହାଯାଏ । ଦେବୀ ସମ୍ପୂର୍ଣ୍ଣ ସହର ବୁଲିସାରିବା ପରେ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଥମ ଓ ଶେଷଥର ପାଇଁ ଉଭୟେ ସାମ୍ନା ସାମ୍ନି ହୁଅନ୍ତି ତାକୁ ଭେଟ କୁହାଯାଏ । ଭେଟ କାର୍ଯ୍ୟ ଯାତ୍ରାର ସର୍ବଶେଷ ପର୍ଯ୍ୟାୟ । ଭେଟ କାର୍ଯ୍ୟ ସମାପନ ହେଲେ ଉଭୟ ଦେବୀ ନିଜ ନିଜ ମନ୍ଦିରକୁ ପ୍ରସ୍ଥାନ କରନ୍ତି ।

**ଭଞ୍ଜନଗର, ଗଞ୍ଜାମ, ମୋ - ୯୪୩୭୩୫୨୫୩୬**

ମନୋରଞ୍ଜନ

# ‘ଆଫା’ ତେଲୁଗୁରେ ହେବ ରିମେକ୍



ମୁକ୍ତିଲାଭ କରିବାର ମାତ୍ର କିଛି ଦିନ ଭିତରେ ଦର୍ଶକଙ୍କ ହୃଦୟ ଜିଣିଥିବା ଭିନ୍ନ ସ୍ୱାଦର ଓଡ଼ିଆ ପାରିବାରିକ ଚଳଚ୍ଚିତ୍ର ‘ଆଫା- (ଲାଇଫ୍ ଆଫ୍ଟର୍ ଲାଇଫ୍)’ ଏବେ ଟେଲୁଗୁ ଭାଷାରେ ରିମେକ୍ ହେବାକୁ ଯାଉଛି । ଏନେଇ ହାଇଦ୍ରାବାଦରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସାଦ କଳିଙ୍ଗ ଲ୍ୟାବର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସାଇ ପ୍ରସାଦ, ତେଲେଙ୍ଗାନା ଫିଲ୍ମ ଡେଭେଲପମେଣ୍ଟ କର୍ପୋରେସନର ଅଧକ୍ଷ ତଥା ବିଶିଷ୍ଟ ଟଲିଉଡ ପ୍ରଯୋଜକ ଦିଲ୍ ରାଜୁ ଏବଂ ସାଂସଦ ପ୍ରଭାତ ସିଂହଙ୍କ ଉପସ୍ଥିତିରେ ‘ଆଫା’ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀ ଏହି ରିମେକ୍ ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଓଡ଼ିଆ ସିନେମା ଜଗତ ପାଇଁ ଏହା ଏକ ବିରାଟ ସଫଳତା ବୋଲି ସିନେ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି । ଗତ ଏପ୍ରିଲ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ଏକ ସାଧାରଣ ପରିବାରର (ବାପା, ମା’, ଜେଜେବାପା ଓ ଝିଅ) ଅସାଧାରଣ କାହାଣୀ ଉପରେ ପର୍ଯ୍ୟବସିତ, ଯାହା ପ୍ରତ୍ୟେକ ଦର୍ଶକଙ୍କୁ ନିଜର କାହାଣୀ ବୋଲି ମନେ ହେଉଛି । ଏହି ଚଳଚ୍ଚିତ୍ର ଜରିଆରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ କନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି । ଏଥିରେ କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ଧରିତ୍ରୀ ଖଣ୍ଡୁଆଳ,ସିଦ୍ଧାର୍ଥ ତିୱାରୀ ଏବଂ ଶିଶୁ କଳାକାର ମିଭାନ୍ ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି । ପ୍ରୀତିରାଜ ଶତପାଥୀ ଓ ନୈନା ଦାଶଙ୍କ ପ୍ରଯୋଜିତ ଏହି ଫିଲ୍ମରେ କୁନା ତ୍ରିପାଠୀ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ । ବିଶ୍ୱଜିତ୍ କୁଲଡିଙ୍କ ସିନେମାଟୋଗ୍ରାଫି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ।




# ଅକ୍ଷୟଙ୍କ ‘ଭୂତ ବଙ୍ଗଳା’

ହରର-କମେଡି ଫିଲ୍ମ ‘ଭୂତ ବଙ୍ଗଳା’ରେ ଅକ୍ଷୟ କୁମାର ଦେଖିବାକୁ ମିଳିଛନ୍ତି । ପ୍ରାୟ ୧୬ ବର୍ଷ ପରେ ଅକ୍ଷୟ ଏବଂ ପ୍ରିୟଦର୍ଶନଙ୍କ ଯୋଡ଼ିକୁ ଏକାଠି ଦେଖିବାକୁ ମିଳିଛି । ଫିଲ୍ମର ପ୍ରିଭ୍ୟୁ ହୋଇଥିବା ବେଳେ ଦର୍ଶକଙ୍କ ପାଇଁ ରହିଛି ନୂଆ ଖବର । ସିନେମାଟି ଭରପୁର କମେଡି ସହିତ ସସ୍ପେନ୍ସ ଓ ହର୍‌ରକୁ ନେଇ ନିର୍ମାଣ କରାଯାଇଛି । ଏହି ମଜାଦାର ଭୂତ ଫିଲ୍ମରେ ଅକ୍ଷୟ କୁମାରଙ୍କ କମେଡି ଛୁଙ୍କ ବେଶ ଦର୍ଶକଙ୍କ ମନ କିଣି ପାରିବ । ଦର୍ଶକ ଅନେକଦିନ ଧରି ଅପେକ୍ଷା କରିଥିଲେ ବି ରିଲିଜ ହୋଇଯାଇଛି ଅକ୍ଷୟ କୁମାରଙ୍କ ଅଭିନୀତ ସିନେମା ‘ଭୂତ ବଙ୍ଗଳା’ । ସିନେମାଟି ଭରପୁର କମେଡି ସହିତ ସସ୍ପେନ୍ସକୁ ନେଇ ଦର୍ଶକଙ୍କ ମନୋରଞ୍ଜନ କରିପାରୁଛି ବୋଲି କୁହାଯାଉଛି । ଅକ୍ଷୟ କୁମାରଙ୍କ ସହିତ ରାଜପାଲ ଯାଦବ ଏବଂ ପରେଶ ରାୱଲଙ୍କ ଉପସ୍ଥିତି ମଧ୍ୟ ରହିଛି । କାହାଣୀଟି ଆଚାର୍ଯ୍ୟ ନିବାସ ନାମକ ଏକ ରହସ୍ୟମୟ ପ୍ରାସାଦ ଉପରେ କେନ୍ଦ୍ରିତ, ଯେଉଁଠାରେ ଏକ ଅଭିଶପ୍ତ ବିବାହ ସମୟରେ ଅଦ୍ଭୁତ, ମଜାଦାର ଏବଂ ଭୟଙ୍କର ଘଟଣା ଘଟେ । ଅକ୍ଷୟ କୁମାରଙ୍କ ହାସ୍ୟ ସମୟକୁ ଆସ୍ରାନୀ, ରାଜପାଲ ଯାଦବ ଏବଂ ପରେଶ ରାୱଲ ଭଳି ତିନି ଜଣ ହାସ୍ୟ ଅଭିନେତାଙ୍କ ସହିତ ମେଳ କରିବା ପାଇଁ ବହୁତ ପ୍ରୟାସ କରାଯାଇଛି । ହିନ୍ଦୀ ଫିଲ୍ମ ‘ଭୁଲ ଭୁଲୈୟା’ ଭଳି ହୋଇଛି ବୋଲି କେତେକ କହୁଛନ୍ତି । ନିର୍ଦ୍ଦେଶକ ପ୍ରିୟଦର୍ଶନ, ଅକ୍ଷୟ କୁମାର ଏବଂ ରାଜପାଲ ଯାଦବଙ୍କୁ ନେଇ ନୂଆ ଏକ ଇତିହାସ ରଚିବାକୁ ଯାଉଛନ୍ତି ।







# ଆଶା ସଞ୍ଚାର କଲା ବିନ୍ଦୁସାଗର

ଓଲିଉଡ୍ ସିନେ ଇଣ୍ଡଷ୍ଟ୍ରି ଏବେ ଯୁବପୀଢ଼ିଙ୍କ କାନ୍ଧରେ । ୟଙ୍ଗ୍ ଟ୍ୟାଲେଣ୍ଟେଡ ଟେକ୍ନିସିଆନ୍ସଙ୍କ ମାଧ୍ୟମରେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିର ଶୁଭ ଦିନ ଆସିଛି ବୋଲି କୁହାଗଲାଣି । ଆମ ମାଟିର ମୌଳିକ କାହାଣୀକୁ ନେଇ ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଭେଟି ଦେଉଛନ୍ତି ଓଡ଼ିଆ ସିନେ ଦର୍ଶକଙ୍କୁ । ତେବେ ସେହିପରି ଏକ ୟଙ୍ଗ୍ ଟ୍ୟାଲେଣ୍ଟେଡ ଗ୍ରୁପ ଭେଟି ଦେଇଛନ୍ତି ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ବିନ୍ଦୁସାଗର’ । ସାରା ଭାରତରେ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ମୁମ୍ବାଇର ଶିଳାଦିତ୍ୟ ବୋରା ଏହାର ପ୍ରଯୋଜନା କରିଥିବା ବେଳେ ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ ନିର୍ଦ୍ଦେଶନା ଦେଇଛନ୍ତି । ଅଭିଷେକ ଦାସ ରଚନା କରିଛନ୍ତି । ପ୍ରକୃତି ମିଶ୍ର, ଦୀପନ୍ୱିତ ଦାସ ମହାପାତ୍ର, ସତ୍ୟ ରଞ୍ଜନ, ସୋନାଲି ଶର୍ମିଷ୍ଠାଙ୍କ ସମେତ ଅନେକ ବଲିଉଡ କଳାକାର ରବୀନ ଦାସ, ଜଗନ୍ନାଥ ସେଠ ପ୍ରମୁଖ ଅଭିନୟ କରିଛନ୍ତି ।



# ମନ୍ତ୍ରମୁଗ୍ଧ କରିବ ମନ୍ତ୍ରମୁଗ୍ଧ



ଓଡ଼ିଆ ସିନେ ଦର୍ଶକଙ୍କ ପାଇଁ ଏକ ନୂଆ ସମ୍ଭାବନା ନେଇ ଆସୁଛି ମନ୍ତ୍ରମୁଗ୍ଧ । ଆସନ୍ତା ମେ ୧ ତାରିଖରେ ମୁକ୍ତିଲାଭ କରିବ ବୋଲି ସୂଚନା ମିଳିଛି । ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣରେ ଧାରା ପରିବର୍ତ୍ତନର ସୂତ୍ରଧର, ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଭିନ୍ନ ଏକ ପରିକଳ୍ପନା ମନ୍ତ୍ରମୁଗ୍ଧ । ଅତ୍ୟାଧୁନିକ ଭିଏଫଏକ୍ସ, ଗ୍ରାଫିକ୍ସ, ହରର, କମେଡି ସାଙ୍ଗକୁ ମ୍ୟୁଜିକ୍ ସବୁକିଛି ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ନୂଆ ଅନୁଭୂତି ଯୋଗାଇବ । ନିକଟରେ ମୁକ୍ତିଲାଭ କରିଥିବା ଗୀତଗୁଡିକ କୋଟି ଓଡ଼ିଆଙ୍କ ହୃଦୟ ଜିତି ସାରିଛି । ଗୋଟିଏ ଗୀତରେ ଚାରି ଜଣ ନାୟକ ଓ ନାୟିକାଙ୍କ ଅଭିନୟର ଯାଦୁ ଦେଖିବେ ଦର୍ଶକ । ଗଞ୍ଜାମ ଜିଲ୍ଲାର ଧରାକୋଟର ସେଇ ପ୍ରାଚୀନ ରାଜପ୍ରସାଦରେ ଦୀର୍ଘ ୫୦ ଦିନ ଧରି ସୁଟିଂ ହୋଇଥିବା ଛାତିଥରା ଦୃଶ୍ୟ ମନ୍ତ୍ରମୁଗ୍ଧ ମାଧ୍ୟମରେ ଦେଖିବେ ଦର୍ଶକ । ଧରାକୋଟର ପ୍ରାଚୀନ ରାଜ ପ୍ରସାଦରେ ରହିଛି ଅନେକ ଐତିହ୍ୟ । ଓଡ଼ିଆ ମାନଚିତ୍ରରେ ତାର ସ୍ୱତନ୍ତ୍ର ପରିଚୟ ରହିଛି, ହେଲେ ଆଜି ବି ଅବହେଳିତ ହୋଇ ରହିଛି ଧରାକୋଟ ରାଜବାଟୀ । ସେହି ରାଜବାଟୀରେ ଘଟୁଥିବା ଏକ ହରର୍ କାହାଣୀକୁ ଦେଖେଇବା ସହିତ ସେଇ ଐତିହାସିକ ସ୍ଥାନକୁ ଚଳଚ୍ଚିତ୍ର ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଏକ ବଡ଼ ଷ୍ଟାରକାଷ୍ଟ ସହିତ ପରଦାକୁ ଆସିବା ପାଇଁ ମନ୍ତ୍ରମୁଗ୍ଧ ପ୍ରସ୍ତୁତ ହୋଇସାରିଛି । ନାୟକ ସନୋଜ, ମନ୍ମୟ, ସାର୍ଥକ, ନାୟିକା ଭୂମିକା ଦାଶ, ସୂର୍ଯ୍ୟମୟୀ, ବର୍ଷା ପଟ୍ଟନାୟକ, ଦୀପନ୍ୱିତ, ନିଶାନ୍ତ, ହର ରଥ, ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କ ସମେତ ଆହୁରି ଅନେକ କଳାକାର ମନ୍ତ୍ରମୁଗ୍ଧରେ ନଜର ଆସିବେ । ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକଙ୍କ ପ୍ରଯୋଜିତ ମନ୍ତ୍ରମୁଗ୍ଧରେ ତାଙ୍କର ପୁରା ଟିମ୍‌ର ସହଯୋଗ ରହିଥିବା ବେଳେ ଓଲିଉଡ୍ ସିନେ ଇଣ୍ଡଷ୍ଟ୍ରିରେ ଆଗାମୀ ଦିନରେ ଏହି ଚଳଚ୍ଚିତ୍ର ଚହଳ ସୃଷ୍ଟି କରିବ ବୋଲି କାର୍ଯ୍ୟନିର୍ବାହୀ ପ୍ରଯୋଜକ ଗୋପାଳ ଚନ୍ଦ୍ର ଘଡ଼ାଇ ପ୍ରକାଶ କରିଛନ୍ତି ।



# ପୁଣି ପ୍ରେମରେ ପଡ଼ିଲେ କି ବିରାଟ !

ଇନ୍‌ଷ୍ଟାଗ୍ରାମ୍ ଆପ୍‌ରେ ‘ଲାଇକ୍’ ଚିହ୍ନଟି କ୍ରିକେଟ ବିରାଟ କୋହଲିଙ୍କୁ ପୁଣି ଥରେ ଅଡୁଆରେ ପକାଇଛି । ନିକଟରେ ଜଣେ ବିଦେଶୀ ଇନ୍‌ଫ୍ଲୁଏନ୍‌ସରଙ୍କ ଆକର୍ଷଣୀୟ ଫଟୋକୁ ବିରାଟ ଲାଇକ୍ କରିଥିବାର ସ୍କ୍ରିନ୍‌ସଟ୍ ଚାରିଆଡ଼େ ପ୍ରସାରିତ ହେବା ପରେ ଏ ନେଇ ତୀବ୍ର ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ତେବେ ବିରାଟ ନିଜେ ଏହି ଲାଇକ୍ କରିନାହାନ୍ତି ବରଂ ଏହା ଏକ ‘ଆଲ୍‌ଗୋରିଦମ୍’ ତ୍ରୁଟି ବୋଲି ସ୍ପଷ୍ଟୋକ୍ତି ଦେଇଛନ୍ତି । ରୋଚକ କଥା ହେଉଛି ବିରାଟଙ୍କ ପାଇଁ ଏହିଭଳି ଘଟଣା ପ୍ରଥମ ନୁହେଁ । ପୂର୍ବରୁ ମଧ୍ୟ ସେ ଅଭିନେତ୍ରୀ ଅବନୀତ କୌରଙ୍କ ଫଟୋ ଲାଇକ୍ କରି ଅନୁରୂପ ସ୍ପଷ୍ଟୋକ୍ତି ଦେଇଥିଲେ ।





# ପିଲାଙ୍କ ଉପରେ ସବୁବେଳେ ବିରକ୍ତି ଠିକ୍ ନୁହେଁ





ପିଲାଟିଏକୁ ଜନ୍ମ କରିଦେଲେ ଦାୟିତ୍ୱ ସରିଯାଏନି ବରଂ ଦାୟିତ୍ୱ ଆସ୍ତେ ଆସ୍ତେ ବଢ଼ିଥାଏ । ପିଲାଟି ଜଣେ ଭଲ ମଣିଷ ହେଉ । ସମାଜରେ ନିଜର ବ୍ୟକ୍ତିତ୍ୱ ଓ ପ୍ରତିଭା ବଳରେ ତୁଳସୀ ଦୁଇପତ୍ରରୁ ବାସିଲା ଭଳି ସମସ୍ତଙ୍କୁ ଆପଣାର କରିପାରୁ । ସୁଗୁଣ, ସୁବିଚାର, ସୁଶିକ୍ଷା ବଳରେ ନିଜ ବ୍ୟକ୍ତିତ୍ୱର ପରାକାଷ୍ଠା ଦେଖାଉ, ଏହା କେଉଁ ବାପାମାଆ ନଚାହାନ୍ତି ? କିନ୍ତୁ ଏହାର ଲଜିକ୍ ପଛରେ ଯେଉଁ ଦାୟିତ୍ୱ ରହିଛି, ତାକୁ ଭୁଲିଯିବା ବି ଉଚିତ୍ ନୁହେଁ । ପିଲାଙ୍କ ପାଇଁ ବାପାମାଆଙ୍କର ଗୁରୁଦାୟିତ୍ୱ ଅନେକ ରହିଛି, କିଭଳି ପିଲାଟି ଶିକ୍ଷା ସହିତ ସଂସ୍କାର ଭଲଭାବରେ ଶିଖୁ । କାଲି ଯେମିତି ବାହାରେ ନିଜର, ନିଜ ପରିବାରର ଭାବମୂର୍ତ୍ତିକୁ ବଦନାମ୍ ନକରୁ । ସେଥିପାଇଁ ପିଲାଟିକୁ ଛୋଟବେଳୁ ଲାଳନପାଳନ କରିବା ଠାରୁ ଉଚ୍ଚଶିକ୍ଷିତ କରିବା ପର୍ଯ୍ୟନ୍ତ ବିଭିନ୍ନ ଦିଗରେ ଦୃଷ୍ଟିଦେବା ଆବଶ୍ୟକ । ନୀତି ନୈତିକତାକୁ ଗୁରୁତ୍ୱ ଦେବା ଆବଶ୍ୟକ । ପିଲାଟି ଯେତେବେଳେ କଥା କହିଶିଖେ, ସେତେବେଳେ ତାର ଅନେକ ଖ୍ୱାହିସ୍ ଥାଏ । ତାହା କେତେ ଦରକାରୀ କି ଅଦରକାରୀ ନବୁଝି ଅଳି କରେ । କେବେକେବେ ତାର ଇଚ୍ଛା ପୂରଣ କରି ହୁଏ ତ କେବେ କରି ହୁଏନାହିଁ । ସେଥିପାଇଁ ସେ ଜିଦିଆ ହୋଇଯାଏ । ବିରକ୍ତି ପ୍ରକାଶ କରି ପିତାମାତା କେବେ ବି ପିଲାଙ୍କ ଉପରେ ନିଷ୍ଠୁର ଆଚରଣ ପ୍ରଦର୍ଶନ କରିଥାନ୍ତି । ଅବଶ୍ୟ ପିଲାଙ୍କୁ ଗାଇଡ୍ କରିବା କିଛି ଖରାପ କଥା ନୁହେଁ । କିନ୍ତୁ ଏତେ ଗାଇଡ୍ କରାନଯାଏ, ଯେମିତି ସେ ମାନସିକ ଚାପରେ ରହିବ କିମ୍ବା ଫ୍ରି ହୋଇ ପାରିବ ନାହିଁ । ଅଭିଭାବକମାନେ ସବୁବେଳେ ପିଲାଙ୍କୁ ସ୍ନେହ ଦିଅନ୍ତୁ ପିଲାର ମନୋଭାବ ବୁଝିବାକୁ ଚେଷ୍ଟା କରନ୍ତୁ । ଯାହାଦ୍ୱାରା ପିଲାଟି ନିଜର ମନକଥା ଅଭିଭାବକଙ୍କୁ କହିବାକୁ ପସନ୍ଦ କରିବା ସହ ରୁଚି କେଉଁଥିରେ ରହିଛି ବାପାମାଆମାନେ ମଧ୍ୟ ଜାଣିବାକୁ ସହଜ ହୋଇପାରିବ । ପିତାମାମାତାମାନେ ସେଭଳି ଆତ୍ମିକ ପରିବେଶ ସୃଷ୍ଟି କରିବା ଦରକାର, ଯାହା ପିଲାଙ୍କୁ ମାନସିକ ଚାପମୁକ୍ତ କରି ପଢ଼ାପଢ଼ି ସହିତ ଖେଳକୁଦ, ରୁଚି ରଖିଥିବା ବିଷୟକୁ ସୃଜନ କର୍ମରେ ଲଗାଇ ପାରିବ । ଅନେକ ପିତାମାତା ଚାକିରିଆ ହୋଇଥିବା କାରଣରୁ ପିଲାଙ୍କୁ ସମୟ ଦେଇ ପାରିନଥାନ୍ତି । ପିଲାଟିର ଅଳିଅର୍ଦ୍ଦଳି ବୁଝିବାକୁ ସମୟ ନଥାଏ । ଯଦି ପିଲାଟି ଅଝଟ କଲା, ଅଯଥା ବିରକ୍ତି ପ୍ରକାଶ କରନ୍ତି । ତାହାଦ୍ୱାରା ପିଲାଟି ନିଜକୁ ଏକାକୀ ମନେ କରେ ଓ ଅନେକ ବିଷୟ ପିତାମାତାଙ୍କ ସହ ସେୟାର କରିପାରେନି । ଏହାଦ୍ୱାରା ପିଲାଟିର କ୍ୟାରିୟର ପ୍ରତି ଅନେକ ପ୍ରତିବନ୍ଧକ ସୃଷ୍ଟି ହୁଏ । ତେଣୁ ବାପାମାଆମାନେ ସବୁବେଳେ ଲଭ୍ ଆଣ୍ଡ ଲଜିକ୍ ପରିବେଶରେ ପିଲାଙ୍କୁ ବଢ଼ିବାକୁ ଦିଅନ୍ତୁ ।

ଜ୍ଞାନ ବିଜ୍ଞାନ

# ରନ୍‌କୁ ଚିହ୍ନିଲା ରନ ରଶ୍ମୀ



ସାଗରିକା ରାଉତ
ଜିଲ୍ଲା ବିଜ୍ଞାନ ପରିଦର୍ଶିକା,
କଟକ

ରନ ରଶ୍ମୀର ବିଦ୍ଧିସିଦ୍ଧ ଆବିଷ୍କାର ପରେ ମଣିଷ ଏହାକୁ ଉପଯୋଗ କରି ବିଭିନ୍ନ ସମସ୍ୟାର ସମାଧାନ କରି ପାରିଛି । ୧୮୮୫ ମସିହାରେ ଉଇଲହେମ ରୋଟଙ୍ଗନ ଏହାକୁ ବିଜ୍ଞାନକୁ ଉପହାର ଦେଇଥିଲେ । ତାଙ୍କର ପତ୍ନୀଙ୍କର ହାତର ହାଡ ଭଙ୍ଗାର ଫଟୋ ଉଠାଇ ଚିକିତ୍ସା ବିଦ୍ଧାନ କ୍ଷେତ୍ରରେ ବ୍ୟବହାର କରାଇଥିଲେ । ରନ ରଶ୍ମୀର ବ୍ୟବହାରକୁ ଆଧାର କରି ଅନେକ ଗବେଷଣା ସେବେଠାରୁ ଚାଲିଛି । ଜଣେ ଜର୍ମାନ ବୈଜ୍ଞାନିକ ଲଉଇ ମାକ୍ସ ଥିଓଡର ଫେଲିକ୍ସ ଭନ ବିଭିନ୍ନ ସ୍ଫଟିକ ବା କ୍ରିଷ୍ଟାଲରେ ରନ ରଶ୍ମୀର ବିଦ୍ୟୁତ୍ ଚୁମ୍ବକୀୟ ଗୁଣକୁ ଆଧାର କରି ପରିକ୍ଷା ଆରମ୍ଭ କରିଥିଲେ । ସ୍ଫଟିକ ଗୁଡିକରେ ଥିବା ଅଣୁମାନଙ୍କରେ ଅବସ୍ଥିତ ନିଉଟ୍ରନ, ପ୍ରୋଟନ, ଇଲେକଟ୍ରନର କକ୍ଷ ପଥରେ ରଶ୍ମି ପ୍ରବାହିତ ହେବା ମାତ୍ରେ, ଉଭୟଙ୍କର ବୈଦ୍ୟୁତିକ ଚୁମ୍ବକୀୟ ଗୁଣ ପରସ୍ପରକୁ ପ୍ରଭାବିତ କରିଥିଲେ । ପରିଣାମ ସ୍ୱରୂପ ଭିନ୍ନ ଭିନ୍ନ ସ୍ଫଟିକ ବା କ୍ରିଷ୍ଟାଲରେ ରଶ୍ମୀର ପ୍ରତିସରଣ ଭିନ୍ନ ହୋଇଥିଲା । ଲଉଇ ମାକ୍ସ ପ୍ରତିସରଣର ମାନାଙ୍କଙ୍କୁ ପୀକୃତ କରି ବ୍ୟବହାର ପାଇଁ ଗାଣିତିକ ସୂତ୍ର ପ୍ରସ୍ତୁତ କରିଥିଲେ । ଫଳରେ ରନ ରଶ୍ମୀର ବ୍ୟବହାର ଦ୍ୱାରା ବିଭିନ୍ନ ମୌଳିକ ପଦାର୍ଥ ଯୌଗିକ ପଦାର୍ଥ, ରତ୍ନ ଆଉ ଧାତୁକୁ ଚିହ୍ନଟ କରିବାର ନୂତନ ନିର୍ଭୁଲ ମାର୍ଗ ମିଳିଗଲା । ଏହି କୃତି ପାଇଁ ତାଙ୍କୁ ୧୯୧୪ ମସିହାରେ ନୋବେଲ ପୁରସ୍କାର ମିଳିଥିଲା । ସୁପର କଣ୍ଡକ୍ଟର ବା ଅତି ସୁପରିବାହି ପଦାର୍ଥ ମାନଙ୍କୁ ନେଇ ତାଙ୍କର ଗବେଷଣା ଗୁରୁତ୍ୱପୂର୍ଣ୍ଣ । ବରଲିନ୍ ବିଶ୍ୱ ବିଦ୍ୟାଳୟରେ ମୌଳିକ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ଆବିଷ୍କାର କରିଥିଲେ, ଚୁମ୍ବକୀୟ କ୍ଷେତ୍ରମାନଙ୍କର ଅବସ୍ଥିତିର ପରିବର୍ତ୍ତନେରେ ବସ୍ତୁ ମାନଙ୍କର ଅତି ସୁପରିବାହି ଗୁଣ କ୍ଷ୍ୟୁର୍ଣ୍ଣ ହୋଇଥାଏ । ବସ୍ତୁ ଗୁଡିକ ବିଦ୍ୟୁତ୍ ଉତ୍ସ ସହିତ ସଂଯୁକ୍ତ ହେଲେ ଚୁମ୍ବକୀୟ କ୍ଷେତ୍ର ଗୁଡିକୁ ଅକର୍ମଣ୍ୟ କରିଦେଇଥାଏ । ୧୯୩୨ ମସିହାରେ ତାଙ୍କର ଏହି ପ୍ରକାଶିତ ସନ୍ଦର୍ଭ ପରେ ବିଦ୍ୟୁତ୍ ଉପକରଣର ଉନ୍ନତି ବିଧାନରେ ମାର୍ଗ ପ୍ରଦର୍ଶନ କରିଥିଲା । ଲଉଇ ମାକ୍ସ ୧୮୭୯ ମସିହା ଅକ୍ଟୋବର ୯ ତାରିଖରେ ଜର୍ମାନୀର ଫାଫେଣ୍ଡ୍ରଫରେ ନଗରରେ ଜନ୍ମ ଗ୍ରହଣ କରିଥିଲେ । କିଛି ଦିନି ପାଠପଢା ଛାଡି ସେ ସୈନ୍ୟ ବାହିନୀରେ ଯୋଗ ଦେଇଥିଲେ । ଷ୍ଟ୍ରାସ୍‌ବର୍ଗ ବିଶ୍ୱ ବିଦ୍ୟାଳୟରୁ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ପଢିସାରି ବର୍ଲିନ୍ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପକ ଭାବରେ ୧୯୦୩ ମସିହାରେ ଯୋଗ ଦେଇଥିଲେ । ୧୯୧୨ ମସିହାରେ ସେ ଜୁରିଚ ବିଶ୍ୱ ବିଦ୍ୟାଳୟରେ ଯୋଗ ଦେଲେ । ସେଠାରେ ତାଙ୍କର ମୁଖ୍ୟ ଗବେଷଣା ହୋଇଥିଲା । ୧୯୧୬ ମସିହାରେ ତାଙ୍କୁ ପ୍ରଥମ ବିଶ୍ୱଯୁଦ୍ଧର ବୈଶୟିକ କାର୍ଯ୍ୟରେ ତାଙ୍କୁ ତାଙ୍କର ଅନିଚ୍ଛା ସତ୍ତ୍ୱେ ନିୟୋଜିତ କରାଯାଇଥିଲା ।

ପ୍ରେରଣା

## ଦ୍ୱନ୍ଦ୍ୱ ବିରୋଧରେ ଲଢ଼ି ସଫଳତା

# ଅଭିଶେକ ଦ୍ୱିବେଦୀଙ୍କ ଅବିରତ ଯାତ୍ରା

ପୂର୍ବପିଢ଼ି ତାଙ୍କ ପାଇଁ ସେଭଳି ବଡ କିଛି ଛାଡି ଯାଇ ନଥିଲେ କି ପରିବାର ବ୍ୟବସାୟକୁ ସମ୍ପ୍ରସାରଣ କରିବାର ଅବସର ମଧ୍ୟ ନଥିଲା। ପ୍ରଭାବଶାଳୀ ଲୋକଙ୍କ ସହ ସମ୍ପର୍କ କିମ୍ବା ନେଟୱାର୍କ ମଧ୍ୟ ନଥିଲା । ସେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସହ ଲଢ଼ିଲେ। ଆଉ ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷେତ୍ରରେ ଜଣେ ଉଦୀୟମାନ ତାରକା ଭାବେ ନିଜକୁ ପ୍ରତିଷ୍ଠିତ କରାଇବାକୁ ସକ୍ଷମ ହେଲେ। ବିଶ୍ୱର ଆହ୍ୱାନପୂର୍ଣ୍ଣ ସ୍ଥିତିରେ ଅବିରତ ଯାତ୍ରା ଜାରି ରଖିଛନ୍ତି ଅଭିଶେକ ଦ୍ୱିବେଦୀ ।

ଓଡ଼ିଶାରୁ ଆରମ୍ଭ ହୋଇଥିଲା ତାଙ୍କ ଯାତ୍ରା। ଔଦ୍ୟୋଗିକ ଯାତ୍ରା ଆରମ୍ଭ ବେଳେ ଅନେକ ଲୋକ ତାଙ୍କୁ କହିଥିଲେ ଷ୍ଟାର୍ଟଅପ ଆଇଡିଆ ଏଠାରେ କାମ କରିବ ନାହିଁ । ମାତ୍ର ବାସ୍ତବତା କିଛି ଭିନ୍ନ ଥିଲା। ଓଡ଼ିଶାରେ କିଛି ସ୍ୱତନ୍ତ୍ର କରିହେବ ବୋଲି ସେ ଦୃଢ଼ ନିଶ୍ଚିତ ଥିଲେ। ଏଭଳି କିଛି ଯାତ୍ରା ରହିଛି ଯାହା ପଛରେ କେବଳ ମହତ୍ୱାକାଂକ୍ଷା ରହିନାହିଁ। କିଛି ଅସ୍ୱସ୍ତି ଏବଂ ହତାଶ ଭାବେ ସହ ଆରମ୍ଭ ହୁଏ। ଅନେକ ଆହ୍ୱାନଭରା ରହେ ରାସ୍ତା। ମାତ୍ର ଦୃଢ଼ ସଂକଳ୍ପ ଆଉ ସ୍ଥିର ଚିତ୍ତ ହୋଇ ଆଗକୁ ବଢ଼ିବା ଅଭିଶେକଙ୍କ ସଫଳତାରେ ଏକ ପ୍ରମୁଖ ଉପାଦାନ ପାଲଟିଛି। ସବୁ କିଛି ଚାଲେଞ୍ଜକୁ ସାମ୍ନା କରି ସ୍ୱପ୍ନକୁ ବାସ୍ତବତାର ରୂପ ଦେଇଛନ୍ତି ସେ। ଆଉ ଯୁବପିଢିଙ୍କ ପାଇଁ ପାଲଟିଛନ୍ତି ଜଣେ ପ୍ରେରଣାଦାୟୀ ଲିଡର।

ଅଭିଶେକ କୁହନ୍ତି, ଲୋକ ସବୁ ବେଳେ ପଶ୍ନ କରନ୍ତି ଆମେ କାହିଁକି ଭିନ୍ନ । ଆମେ ବଜାର ସୁବିଧା ସହ କାମ ଆରମ୍ଭ କରି ନ ଥିଲୁ । କୃଷକ ବନ୍ଧୁ ମାନଙ୍କର ସମସ୍ୟା ସମାଧାନ ପ୍ରାଥମିକତା ରହିଥିଲା । କୃଷକଙ୍କ ପାଇଁ କାରବାର ଆଗକୁ ବଢ଼ାଇବା ସହଜ ହେଲା । ଆକ୍ୱାପଲ୍ସ ପ୍ଲାଟଫର୍ମ ମାଛ ପୋଖରି ଗୁଡ଼ିକର ମନିଟରିଂ, ଅମଳ ଯୋଜନା ଏବଂ ଅମଳ ପରବର୍ତ୍ତୀ ଲଜିଷ୍ଟିକ୍ସକୁ ସମନ୍ୱିତ କରିବା ଦିଗରେ ଅଭିନବ କାର୍ଯ୍ୟକ୍ରମ ଗ୍ରହଣ କଲା। ଏଆଇ ଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ଜଳର ଗୁଣବତ୍ତା, ରୋଗ ରିସ୍କକୁ କମାଇବା ଏବଂ ଖାଦ୍ୟ ଯୋଗାଣକୁ ଉନ୍ନତ ଓ ବ୍ୟବସ୍ଥିତ କରିବା ଉପରେ କାର୍ଯ୍ୟକ୍ରମ ଗ୍ରହଣ କରାଗଲା। ମତ୍ସ୍ୟଚାଷୀଙ୍କୁ ବାସ୍ତବ ମୂଲ୍ୟ ପ୍ରଦାନରେ ମଧ୍ୟ ବ୍ୟବସ୍ଥା ରହିଲା।

ଭୁବନେଶ୍ୱର ଭିତ୍ତିକ ଏହି କମ୍ପାନି ନାବାର୍ଡର ସହାୟକ ସଂସ୍ଥା ନାବଭେଞ୍ଚର୍ସଠାରୁ ୨୫ କୋଟି ଟଙ୍କାର ସିରିଜ ଏ ପାଣ୍ଠି ଉଠାଣ କରିଛି । କମ୍ପାନିର ଦୃଢ଼ ଉପସ୍ଥିତି ଓ ପରିଚାଳନା ଦକ୍ଷତାକୁ ନଜରରେ ରଖି ଏଭଳି ପାଣ୍ଠି ଯୋଗାଇ ଦେଇଛନ୍ତି ନିବେଶକ। ଏହା ଜରିଆରେ କମ୍ପାନି ଏହାର ମତ୍ସ୍ୟଚାଷୀ ନେଟୱାର୍କକୁ ୬ ହଜାରରୁ ୧୫ ହଜାରକୁ ବଢ଼ାଇବା ଲକ୍ଷ୍ୟ ରଖିଛି । ଆନ୍ଧ୍ର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ମଧ୍ୟ ନିଜ ଉପସ୍ଥିତି ବଢ଼ାଇବା ସହ ପ୍ରୋସେସିଂ ଫାସିଲିଟି ବସାଇ ଗୁଣବତ୍ତା ରକ୍ଷା ଏବଂ ଲାଭକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟ ରଖିଛି। ଦିନେ ଓଡ଼ିଶାକୁ ଟିୟର ୪ ସହର କହି ନିବେଶକ, ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସଂସ୍ଥା ନୂଆ ଉଦ୍ୟୋଗୀଙ୍କୁ ପାଣ୍ଠି ଦେଉ ନଥିଲେ ସେଭଳି ସ୍ଥିତିରେ ଅଭିଷେକଙ୍କ ସଫଳତା ଅନ୍ୟପାଇଁ ଉଦାହରଣ ନିଶ୍ଚିତ।

ଓଡ଼ିଶାରେ ବଢ଼ିବା ଏବଂ କାମ ଆରମ୍ଭ କରିଥିଲେ ମଧ୍ୟ ସେ ପ୍ରଥମେ ଏକ ଷ୍ଟାର୍ଟଅପ ଚିନ୍ତାଧାରା ଖୋଜି ନ ଥିଲେ । ସଫଳତା କିମ୍ବା ସ୍ୱୀକୃତି ପଛରେ ଗୋଡାଇ ନ ଥିଲେ। ନିଜ ଚାରି ପାଖରେ ଥିବା ଲୋକ, ଜୀବନ ଧାରା, ପ୍ରୟାସ ଗୁଡ଼ିକୁ ସହ ତୀକ୍ଷଣ ଭାବେ ପର୍ଯ୍ୟବେକ୍ଷଣ କରିଥିଲେ। ଯାହା କିଛି ବି ଦେଖିଥିଲେ ସେଥିରୁ ପ୍ରତ୍ୟକ୍ଷ ଶିକ୍ଷା ଲାଭ କରିଥିଲେ। ଯାହା ବାସ୍ତବ ଜୀବନରେ ସଫଳତା ପାଇଁ ପ୍ରେରିତ କଲା।

ଏ କ୍ଷେତ୍ରରେ ଗ୍ରାମାଞ୍ଚଳରେ ଲୋକଙ୍କ ସହ କାମ କଲା ବେଳେ ସେ ଦେଖିଥିଲେ, ଲୋକମାନେ ବହୁତ ପରିଶ୍ରମ କରନ୍ତି, ହେଲେ ସେମାନଙ୍କ ଅଭିବୃଦ୍ଧି ସେଭଳି ହେଉ ନଥିଲା। ସମ୍ଭାବନା ଗୁଡ଼ିକ ପ୍ରଗତି ପରିପନ୍ଥୀ ନ ଥିଲା। ସେ ଏଭଳି ଏକ ସିଷ୍ଟମ ଦେଖିଥିଲେ ଯେଉଁଠାରେ ଚେଷ୍ଟାର ଅର୍ଥ ଅଭିବୃଦ୍ଧି ନୁହେଁ। ପ୍ରୟାସ କିମ୍ବା ଦକ୍ଷତା ଅଭାବ ଲୋକଙ୍କ ବିଫଳତାର କାରଣ ନଥିଲା। ମାତ୍ର ତାଙ୍କ ଚାରି ପାଖରେ ଥିବା ବ୍ୟବସ୍ଥା ତାଙ୍କ ପାଇଁ ଠିକ୍ ଭାବେ ପ୍ରସ୍ତୁତ ହୋଇ ନଥିଲା । ଜ୍ଞାନ, ବଜାର, ପୁଞ୍ଜି ଏବଂ ଆନୁଷ୍ଠାନିକ ସ୍ତରରେ ସହାୟତା ମିଳିବାରେ ସମସ୍ୟା ରହୁଥିଲା । ଏସବୁ ଦେଖିବା ପରେ ଚିରାଚରିତ ହୋଇ ରହି ଯିବାକୁ ସେ ଗ୍ରହଣ କରି ନ ଥିଲେ। ଜୀବନ ମୋଡରେ ଏମିତି ସମୟ ଆସେ, ଯେଉଁଠାରେ ଆପଣ ଏହା ପ୍ରଶ୍ନ କରିବା ବନ୍ଦ କରନ୍ତି ଯେ, ଜିନିଷ ଗୁଡିକ ଏପରି କାହିଁକି ରହିଛି । ଆଉ ସ୍ଥିତିକୁ ଏଭଳି ଦେଖନ୍ତି ଯେ, କାହିଁକି କିଛି ଭିନ୍ନ କରାଯାଇ ପାରିବ ନାହିଁ।

ଅଭିଶେକଙ୍କ ଏଭଳି ଚିନ୍ତାଧାରା ସବୁ କିଛି ଚୁପଚାପ ବଦଳାଇ ଦେଲା। ତଥାପି ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷେତ୍ରକୁ ଚୟନ କରିବା କେବେ ବୀରତ୍ୱପୂର୍ଣ୍ଣ ନ ଥିଲା। ଏହା ଜୀବନର ଏକ ବଡ ନିଷ୍ପତ୍ତି ଥିଲା। କାରଣ ବହୁତ କମ୍ ଲୋକ ବିଶ୍ୱାସ କରୁଥିଲେ, କିଛି ନୂଆ ଆଇଡିଆ ସଫଳ ହେବ। ଏହାର ବଡ କାରଣ ହେଉଛି ଓଡ଼ିଶାରେ ଷ୍ଟାର୍ଟଅପ ସଂସ୍କୃତି ଆରମ୍ଭ ହୋଇ ନଥିଲା। ନିବେଶକମାନେ ଓଡ଼ିଶାର ଯୁବ ପ୍ରତିଭାଙ୍କୁ ଅଣଦେଖା କରୁଥିଲେ। ଏଠାରେ କିଛି ସ୍ୱତନ୍ତ୍ର କରିହେବ ବୋଲି ସେମାନଙ୍କର ଭରସା ପାଉ ନଥିଲା।

ଏଭଳି ସ୍ଥିତିରେ ଅଭିଶେକ ସବୁ ଘାତ ପ୍ରତିଘାତ, ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି କିଛି ନୂଆ କରିବା ପାଇଁ ଅଣ୍ଟା ଭିଡିଲେ। ମତ୍ସ୍ୟ ସମ୍ପଦ ବିଜ୍ଞାନ କ୍ଷେତ୍ରରେ ଶିକ୍ଷାଗତ ମୂଳ ଭିତ୍ତି ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ କାର୍ଯ୍ୟ ଅଭିଜ୍ଞତା ତାଙ୍କୁ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳାରେ କ୍ୟାରିୟର ପାଇଁ ପ୍ରେରିତ କଲା। ସରକାରୀ କ୍ଷେତ୍ର ଏବଂ ବଡ ସହରରେ କର୍ପୋରେଟରେ କାର୍ଯ୍ୟ ଅଭିଜ୍ଞତା ମଧ୍ୟ ଏ କ୍ଷେତ୍ରରେ ସହାୟକ ହୋଇଥିଲା। ମାତ୍ର ଅଭିଶେକ ସମସ୍ୟା ସମାଧାନ ଦିଗରେ ମନୋନିବେଶ କରିଥିଲେ। ଆଉ ଭୌଗୋଳିକ ଏରିଆକୁ ନେଇ ଲୋକେ ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ ଥିଲା। ଲୋକେ କେବଳ ବାଣିଜ୍ୟ ଆଇଡିଆ ଉପରେ ନୁହେଁ, ସମ୍ଭାବନା ଉପରେ ମଧ୍ୟ ସନ୍ଦେହ କରିଥିଲେ ।




ଏଠାରେ କାହିଁକି ? ଏହାକୁ କିଏ ବିଶ୍ୱାସ କରିବ ? ଏହା କାମ କରିବ ନାହିଁ ?

କେହି ଦୂରରେ ଥିବା ଲୋକ ଏମିତି କହି ସମାଲୋଚନା କରୁ ନଥିଲେ। ନିକଟରେ ଥିବା ଏବଂ ପରିଚିତ ଲୋକଙ୍କ ଠାରୁ ଏଭଳି ସମାଲୋଚନା ଶୁଣିବାକୁ ପଡୁଥିଲା। ଆଉ ବାରମ୍ବାର ଏସବୁ ହେଉଥିଲା। ଏମିତିକି ଶୁଭେଚ୍ଛୁ ମାନେ ମଧ୍ୟ ଯାତ୍ରାକୁ ପୁନର୍ବିଚାର କରିବାକୁ କହିଥିଲେ । ତେବେ ସ୍ଥିତି ସବୁ ବେଳେ ସମାନ ନ ଥାଏ । ଏହା ନିଶ୍ଚିତ ପକ୍ଷେ ବଦଳେ । ସମାଲୋଚନା କରିଥିବା ଲୋକମାନେ, ଦିନେ ବୁଝି ନପାରିଥିବା ଲୋକମାନେ ବି ଧୀରେ ଧୀରେ ବୁଝି ପାରନ୍ତି। ଏମିତି ମଧ୍ୟ ସମୟ ଆସିଛି, ସନ୍ଦେହ ଅନ୍ୟ କେହି ନୁହେଁ ନିଜ ଭିତରୁ ଆସିଛି। ଅନ୍ୟମାନେ ହୁଏତ ଠିକ କହୁଥାଇ ପାରନ୍ତି ବୋଲି ଆପଣ ଭାବନ୍ତି। ଏଭଳି ସ୍ଥିତିରେ ନିଜ ଭିତରର ସନ୍ଦେହ ଅପେକ୍ଷା ଆଉ କିଛି ଅଧିକ ଶକ୍ତିଶାଳୀ ଥିଲା।

ସେ ଦେଖିଥିବା ମୁହଁ, ସେ ବୁଝିଥିବା ଜୀବନ ଆଉ ଅନୁଭବ କରିଥିବା ବାସ୍ତବତା। ଏଥିରୁ ଦୂରେଇ ଯିବା ହୁଏତ ସହଜ ହୋଇଥାନ୍ତା। କିନ୍ତୁ ଏହାକୁ ଅଣଦେଖା କରିବା ଅସମ୍ଭବ ହୋଇଥାନ୍ତା। 'ଯେତେବେଳେ ନିଜ ଉପରକୁ କଥା ଆସେ, ତାକୁ ଛାଡି ଦେବା ଆଉ ବିକଳ୍ପ ହୋଇ ରହେନି ।' ପ୍ରାରମ୍ଭିକ ଦିନ ଗୁଡ଼ିକ ସଫଳତା ଦ୍ୱାରା ପରିଭାଷିତ ହୋଇ ନ ଥାଏ। ସେ ଦିନ ଗୁଡ଼ିକ ଦୃଢ଼ତା ସହ ଆଗକୁ ବଢ଼ିବାର କୌଶଳ ସହ ଆସିଥିଲା। ଅଭିଶେକଙ୍କ ଯାତ୍ରାରେ ରୋଡମ୍ୟାପ କେବେ ସ୍ପଷ୍ଟ ନ ଥିଲା । ଏମିତିକି ଶୀଘ୍ର କିଛି ଆଖିଦୃଶିଆ ବା ଆକର୍ଷଣୀୟ ହୋଇ ନଥିଲା। ସେ କେବଳ ନ ଅଟକି ନିରନ୍ତର ଭାବେ ଧିରେ ଧିରେ ନିଜ ଗନ୍ତବ୍ୟ ପଥରେ ଅଗ୍ରସର ହେଲେ । ଯାହା ବାହ୍ୟ ଜଗତ ପାଇଁ ସମ୍ପୂର୍ଣ୍ଣ ଅଦୃଶ୍ୟ ଥିଲା।

କିଛି ଦିନ ପ୍ରଗତି ଆଣିଥିଲା। କିଛି ଦିନ ନିରବତା ସହ ବିତିଥିଲା। ଆଉ କିଛି ସମୟ ପ୍ରତ୍ୟାଖ୍ୟାନ ଭଳି ସ୍ଥିତି ମଧ୍ୟ ସାମ୍ନା କରିବାକୁ ପଡିଥିଲା । ତଥାପି ପ୍ରତ୍ୟେକ ସକାଳ ସମାନ ନିଷ୍ପତ୍ତି ଦାବି କରୁଥିଲା, କାମ ଜାରି ରଖ କିମ୍ବା ବନ୍ଦ କର। ଆଉ ରାସ୍ତାରେ ନ ଅଟକି ଯାଇ ଜାରି ରଖିବା ଦିଗକୁ ସେ ବାଛିନେଇଥିଲେ। ସେ ସଫଳତା ବିଷୟରେ ନିଶ୍ଚିତ ଥିଲେ ତାହା ନୁହେଁ, ସମସ୍ୟା ସମ୍ପର୍କରେ ସେ ଦୃଢ଼ ଭାବେ ଅବଗତ ଥିଲେ। ସେ ଏମିତି କିଛି ଅନୁଭବ କରିଥିଲେ ଯାହା ତାଙ୍କ ଯାତ୍ରାର ମୂଳଦୁଆ ପାଲଟିଥିଲା। ଏଠାରେ ପ୍ରଶ୍ନ କେବଳ ସମ୍ବଳର ଅଭାବ ନ ଥିଲା। ସଚେତନତା, ଉଚିତ ମାର୍ଗଦର୍ଶନ ଏବଂ ସୁବିଧାର ଅଭାବ ରହିଥିଲା। ଅଭିଶେକ କୁହନ୍ତି, "ମୁଁ ଯେଉଁ ପ୍ରକୃତ ଦାରିଦ୍ର୍ୟ ଦେଖିଥିଲି, ତାହା ଆର୍ଥିକ ନଥିଲା- ଏହା ସୂଚନାମୂଳକ ଥିଲା ।" ଯଦି ଏହା ପରିବର୍ତ୍ତନ ହୋଇପାରେ, ତେବେ ଅନ୍ୟ ସବୁ କିଛି ମଧ୍ୟ ହୋଇପାରେ ବୋଲି ସେ ଦୃଢ଼ ନିଶ୍ଚିତ ହେଲେ।

ଧୀରେ ଧୀରେ ଜିନିଷ ଗୁଡ଼ିକ ପରିବର୍ତ୍ତନ ହେବାକୁ ଆରମ୍ଭ କଲା । ଯାହା ଦିନେ ପ୍ରତିରୋଧ ଭଳି ଲାଗୁଥିଲା ତାହା କୌତୁହଳରେ ପରିଣତ ହେବା ଆରମ୍ଭ କଲା । କିଛି ଦିନ ଆଗରୁ ଅସମ୍ଭବ ମନେ ହେଉଥିବା ଜିନିଷ ବାସ୍ତବ ରୂପ ନେବା ଆରମ୍ଭ କଲା । ତେବେ ଏହା କେବେ ରାତାରାତି ହୋଇ ନ ଥିଲା । କାରଣ ଏଭଳି କେବେ ହୁଏନାହିଁ । ଏହା ଧୀରେ ଧୀରେ ଦୃଢ଼ତାର ଏକ ପ୍ରକାର ଅଭିବୃଦ୍ଧି ହୁଏ ।

ଯେଉଁ ପଥଟି ଆରମ୍ଭରେ ଏକାକୀ- ଅନୁଭବ ହେଉଥିଲା...ସେହିପଥ ଅନ୍ୟମାନେ ମଧ୍ୟ ଦେଖିପାରିବେ ବୋଲି ବିଶ୍ୱାସ ଜନ୍ମ ନେଲା । ତା'ପରେ ଯାହା କିଛି ଘଟିଲା ତାହା ଅବିଶ୍ୱସନୀୟ ନଥିଲା । ସେବେଠାରୁ ଆଉ ପଛକୁ ଫେରି ନାହାନ୍ତି ଅଭିଶେକ। ତାଙ୍କୁ ମିଳିଛି ପୁରସ୍କାର, ପ୍ରଶଂସା ଏବଂ ସମ୍ମାନ। ଏହି ସଫଳତା ହଠାତ ନ ଥିଲା ବଂର ବର୍ଷ ବର୍ଷର ଅଦୃଶ୍ୟ ପ୍ରତିଫଳନ ଭାବେ ଏହା ଆସିଲା। ତେବେ ଯାତ୍ରା ଏବେ ମଧ୍ୟ ସମ୍ପୂର୍ଣ୍ଣ ଭଳି ଅନୁଭବ ହେଉ ନ ଥିଲା। କାରଣ ଅଭିଶେକଙ୍କ ପାଇଁ ଏହି ଯାତ୍ରା ଉପାଧି କିମ୍ବା ପୁରସ୍କାର ସହ ଜଡିତ ନ ଥିଲା। ଏହା ପ୍ରଭାବ ଏବଂ ପରିବର୍ତ୍ତନ ସହ ଜଡିତ ଥିଲା। ଜଣେ ବ୍ୟକ୍ତି କେଉଁଠାରୁ ଆସିଛନ୍ତି ତାହା ବେଶି ଗୁରୁତ୍ୱ ରଖେନି, କଣ ନିର୍ମାଣ କରିପାରିବେ ଏବଂ କେଉଁ ସ୍ଥାନକୁ ଯାଉ ପାରିବେ ତାହା ବେଶ ଗୁରୁତ୍ୱ ବହନ କରୁଥିଲା।

ଆଜି ଯେତେବେଳେ ଲୋକମାନେ ଅଭିଶେକଙ୍କୁ ଦେଖନ୍ତି କେବଳ ଜଣେ ଉଦ୍ୟୋଗୀ ନୁହେଁ, ଜଣେ ଲିଡରକୁ ଦେଖିବାକୁ ପାଆନ୍ତି। ଏକ ସଂଘର୍ଷ ଆଉ ସଫଳତା କାହାଣୀ ଦେଖିବାକୁ ପାଆନ୍ତି । କିନ୍ତୁ ସେମାନେ ଯାହା ଦେଖନ୍ତି ନାହିଁ ତାହା ହେଉଛି ସଫଳତା ପଛର ନୀରବ ସଂଘର୍ଷ । ନିଜ ଉପରେ ସନ୍ଦେହ ମୁହୂର୍ତ୍ତ, ଏକାକୀ ଆରମ୍ଭ କରିବାର ଭାର। ଯେତେବେଳେ ଅନ୍ୟ କେହି କରେ ନାହିଁ, ସେତେବେଳେ ନିଜେ କରିବାର ବିଶ୍ୱାସ ଓ ସାହସ ଆବଶ୍ୟକ। ହୁଏତ ଏହାହିଁ ଅଭିଶେକଙ୍କ ଯାତ୍ରାକୁ ଶକ୍ତିଶାଳୀ, ପ୍ରଭାଶଶାଳୀ ଏବଂ ପ୍ରେରଣାୟୀ କରିପାରିଛି। ସଫଳତା ନୁହେଁ ଏହା ପଛରେ ଥିବା ସଂଘର୍ଷମୟ ଦୁର୍ବାର ପ୍ରୟାସ, ସ୍ୱୀକୃତି ନୁହେଁ ବଂର ଆରମ୍ଭ ପଛର କାରଣ । ଅଭିଶେକଙ୍କ କାହାଣୀ କିଛି ଅସାଧାରଣ ନିର୍ମାଣ କରିବା ସମ୍ପର୍କରେ ନୁହେଁ। କିଛି ଆରମ୍ଭ କରିବାକୁ ହେଲେ ଏକ ଭଲ ସ୍ଥାନର ଆବଶ୍ୟକତା ନାହିଁ । ଏମିତି ଏକ ଦୃଢ଼ କାରଣ ଆବଶ୍ୟକ, ଯେଉଁଥିପାଇଁ ଆପଣ କେବେ ଅଟକିବେ ନାହିଁ, ଏବଂ ସେ କେବେ ଅଟକି ନାହାନ୍ତି।

ଅଭିଶେକଙ୍କୁ ଏଣ୍ଟରପ୍ରିନିୟର ଅଫ୍ ଦି ଇୟର, ଭାରତ ଏଣ୍ଟରପ୍ରିନିୟର ଆୱାର୍ଡ, ୟୁଥ୍ ଆଇକନ ଇନ୍ ଆକ୍ୱାକଲଚର, ସିଫୁଡ ପ୍ରଫେସନାଲ ଅଫ୍ ଦି ଇୟର ଭଳି ସମ୍ମାନ ମିଳିଛି। ସେ ଏବେ ଏ କ୍ଷେତ୍ରରେ ଜଣେ ଲିଡର ଭାବେ ପ୍ରଭାବଶାଳୀ ଛାପ ସୃଷ୍ଟି କରିଛନ୍ତି। ଶୀଘ୍ର ଏବଂ କିଛି ଆଖିଦୃଶିଆ କରିବା ଉପରେ ବିଶ୍ୱ ବିଶ୍ୱାସ କରୁଥିବା ବେଳେ ଅଭିଶେକଙ୍କ ଯାତ୍ରା ଧିର ଭାବେ ପ୍ରଭାବୀ ଯୋଗଦାନ, ଦ୍ୱନ୍ଦ୍ୱ ଠାରୁ ଉପରକୁ ଉଠି ଧର୍ଯ୍ୟ, ନିରନ୍ତରତା ସହ ସଫଳ ହେବାକୁ ପ୍ରେରଣା ଦିଏ।

■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର



# ପିଲାଙ୍କ ଇମ୍ୟୁନିଟି ସିଷ୍ଟମ୍

ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

**ପିଲାମାନଙ୍କୁ କରୋନା ଟିକା ଦେବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଭାଇକଭ୍-ଡି ପିଲାମାନଙ୍କୁ ଦେବା ଲାଗି ଡିସିଜିଆଇ ଅନୁମତି ଦେଇଛନ୍ତି। ପିଲାମାନେ ଛୁଞ୍ଚିକୁ ଡରୁଥିବାରୁ ସେମାନଙ୍କ ପାଇଁ ନୂଆ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ହେବ। ଫାର୍ମା ଜେଟ୍ ଟେକ୍ନୋଲୋଜି ଜରିଆରେ ପିଲାମାନଙ୍କୁ ଟିକା ଦିଆଯିବ। ଯାହା ଫଳରେ ପିଲାମାନେ ଛୁଞ୍ଚିଫୋଡ଼ାର ଯନ୍ତ୍ରଣାରୁ ମୁକ୍ତ ହୋଇପାରିବେ। ତେବେ ଏହି ନୂଆ ଟେକ୍ନୋଲୋଜିକୁ କିଭଳି ବ୍ୟବହାର କରାଯିବ ସେଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତାଲିମ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଦଶ ଜଣ ଟେକ୍ନିସିଆନ ଭର୍ଚୁଆଲ ମୋଡ଼ରେ ଏଥିରେ ସାମିଲ ହୋଇଥିବା ଜଣାପଡ଼ିଛି।**

ଭାଇକଭ-ଡି ଟିକା ବାର ବର୍ଷରୁ ଅଧିକ ବୟସର ଲୋକଙ୍କୁ ଦିଆଯାଇ ପାରିବ। ଯେହେତୁ ପିଲାମାନଙ୍କୁ ଛୁଞ୍ଚିରେ ଇଞ୍ଜେକସନ ଦିଆଯିବ ନାହିଁ, ସେଥିପାଇଁ ଫାର୍ମା ଜେଟ୍‌ର ବୈଷୟିକ ଜ୍ଞାନ କୌଶଳ ସମ୍ବନ୍ଧରେ ତାଲିମ ଦିଆଯାଇଛି। ଆମ ରାଜ୍ୟରେ ୨ରୁ ୧୮ ବର୍ଷ ଭିତରେ ୧.୪ କୋଟି ଶିଶୁ ରହିଛନ୍ତି। ଜାଇକଭ-ଡି ଟିକାକୁ ୧୨ ବର୍ଷରୁ ଅଧିକ ବୟସର ପିଲାଏ ନେଇପାରିବେ। ଜାଇକଭ-ଡି ବାଦ କୋଭାକ୍ସିନକୁ ମଧ୍ୟ ପିଲାମାନଙ୍କୁ ଦେବା ପାଇଁ ଅନୁମୋଦନ ମିଳିଛି। ମାତ୍ର ତାହା କେବେ ଉପଲବ୍ଧ ହେବ ତାହା ସଂପର୍କରେ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ।

ବିଶ୍ୱ ପ୍ରସିଦ୍ଧ ସ୍ୱାସ୍ଥ୍ୟଭିତ୍ତିକ 'ଲାନ୍‌ସେଟ' ମେଡ଼ିକାଲ ଜର୍ଣ୍ଣାଲ ଅନୁସାରେ କୋଭିଡ ଭୂତାଣୁ ଯେତେବେଳେ ଶରୀର ଭିତରକୁ ପ୍ରବେଶ କରେ ଏସିଇ ନାମକ ରିସେପ୍ଟରରେ ଆସିଥାଏ। ଏହି ଏସିଇ ରିସେପ୍ଟର ପିଲାଙ୍କ ମଧ୍ୟରେ କମ ଥାଏ। ସେଥିପାଇଁ ପିଲାଏ କରୋନା ସଂକ୍ରମିତ ହେବାର ଆଶଙ୍କା କମ ଥାଏ। କୌଣସି ପ୍ରକାର ଭୂତାଣୁ ପିଲାଙ୍କ ମଧ୍ୟରେ ପ୍ରବେଶ କଲେ ବି ପିଲାଙ୍କୁ କ୍ଷତିଗ୍ରସ୍ତ କରିନଥାଏ। ଏପାଇଁ କୋଭିଡ଼ ଆକ୍ରାନ୍ତ ହେଲେ ବି ପିଲାଙ୍କ ଅବସ୍ଥା ଗୁରୁତର ହୋଇନଥାଏ। ଏହା ସତ୍ତ୍ୱେ ବର୍ତ୍ତମାନ ବ୍ରିଟେନ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ, ଭାରତ ସବୁଠି ଶିଶୁ ସଂକ୍ରମିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହାର କାରଣ ହେଲା ବର୍ତ୍ତମାନ ବୟସ୍କମାନେ ଟିକା ନେଇସାରିଥିଲେ ହେଁ ପିଲାଏ ଟିକା ନେଇନାହାନ୍ତି।



ଦେଶରେ ବର୍ତ୍ତମାନ ବି ଅନେକ ଲୋକ ଅଛନ୍ତି ଯେଉଁମାନେ ଗୋଟିଏ ବି ଡୋଜ ଟିକା ନେଇ ନାହାନ୍ତି। ଫଳରେ ଭୂତାଣୁ ସେମାନଙ୍କ ଶରୀର ଭିତରକୁ ପ୍ରବେଶ କରିବାକୁ ସହଜ ହେଉଛି। ସଂକ୍ରମିତ ବ୍ୟକ୍ତିଙ୍କ ଘରେ ଶିଶୁ ରହୁଥିଲେ, ଶିଶୁ ମଧ୍ୟ ଏହାର ଶିକାର ହେବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ଉଚିତ। ଡେଲ୍ଟା ଭାରିଆଣ୍ଟ ପରେ ବର୍ତ୍ତମାନ ଓମିକ୍ରନ୍ ଭାରିଆଣ୍ଟକୁ ନେଇ ଚିନ୍ତା ବଢ଼ିଛି। ଆମ ଦେଶର ଡାକ୍ତରଖାନାରେ ଶଯ୍ୟା, ଆଇସିୟୁ ଅବସ୍ଥା ଯାହା ୧ ପ୍ରତିଶତ ଶିଶୁଙ୍କ ଅବସ୍ଥା ଗୁରୁତର ହେଲେ ବି ସେମାନଙ୍କୁ ଚିକିତ୍ସା ସେବା ଉପଲବ୍ଧ କରାଇବା କଷ୍ଟକର ହୋଇପଡ଼ିବ। ତେଣୁ ସମସ୍ତେ ଏଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ।

ଆସନ୍ତୁ ଜାଣିବା ଯେ ବାସ୍ତବରେ, ପିଲାମାନଙ୍କ ଶରୀରର ପ୍ରତିରକ୍ଷା ପ୍ରଣାଳୀ ଆଣ୍ଟିବଡ଼ିଜ୍ ଉତ୍ପନ୍ନ କରିଥାଏ ଯାହା ଭବିଷ୍ୟତରେ ଏହି ଭାଇରସର ସଂକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଥାଏ। ଏହି କାରଣରୁ ପୁନର୍ବାର ଭାଇରସ୍ ସଂପର୍କରେ ଆସିବା ମାତ୍ରେ ପିଲାମାନଙ୍କ ଇମ୍ୟୁନିଟି ସିଷ୍ଟମ ଏହାର ମୁକାବିଲା କରିବା ଲାଗି ତୁରନ୍ତ ପ୍ରକ୍ରିୟାଶୀଳ ହୋଇଥାଏ। ତେବେ ପିଲାମାନଙ୍କ ଶରୀର ଭାଇରସ୍ ସହ ମୁକାବିଲା କରିବା ଲାଗି ଦୁଇ ପ୍ରକାର ଇମ୍ୟୁନିଟି ନିର୍ମାଣ କରିଥାଏ। ଆକ୍ଟିଭ ଇମ୍ୟୁନିଟି ଓ ପାସିଭ୍ ଇମ୍ୟୁନିଟି। ଏହି କ୍ରମରେ ଆସନ୍ତୁ ଜାଣିବା ସଂକ୍ରମଣ ରୋକିବା ଦିଗରେ ଏହି ଦୁଇ ପ୍ରକାର ଇମ୍ୟୁନିଟିର ଭୂମିକା କ'ଣ ?

**ଆଣ୍ଟିବଡ଼ି :** ଆକ୍ଟିଭ ଇମ୍ୟୁନିଟି ଓ ପାସିଭ୍ ଇମ୍ୟୁନିଟି ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ ଅଭିଭାବକ ହିସାବରେ ଆଣ୍ଟିବଡ଼ି ବିଷୟରେ ଜାଣିବାକୁ ହେବ। ଯେତେବେଳେ ବି କୌଣସି ଜୀବାଣୁ କିମ୍ବା ଭୂତାଣୁ ପିଲାମାନଙ୍କ ଶରୀରରେ ପ୍ରବେଶ କରିଥାନ୍ତି ସେତେବେଳେ ପିଲାମାନଙ୍କ ପ୍ରତିରକ୍ଷା ପ୍ରଣାଳୀ ଏହାସହ ଲଢ଼ିବା ଲାଗି ପ୍ରତିରକ୍ଷା ପ୍ରୋଟିନ୍‌ର ଉତ୍ପାଦନ କରିଥାଏ ଯାହାକୁ ଆମେ ଆଣ୍ଟିବଡ଼ି କହିଥାଉ। ଭାଇରସ୍ ସଂପର୍କରେ ଆସିବା ପରେ ପିଲାମାନଙ୍କ ଶରୀରର ପ୍ରତିରକ୍ଷା ପ୍ରଣାଳୀ ମୁଖ୍ୟତଃ ଦୁଇ ପ୍ରକାରର ଆଣ୍ଟିବଡ଼ି ଉତ୍ପାଦନ କରିଥାଏ। ଇମ୍ୟୁନୋଗ୍ଲୋବୁଲିନ୍ ଏମ୍ ଓ ଇମ୍ୟୁନୋଗ୍ଲୋବୁଲିନ୍ ଜି। ରୋଗ ସୃଷ୍ଟି କରୁଥିବା କୌଣସି ବି ଜୀବାଣୁ କି ଭୂତାଣୁ ସଂପର୍କରେ ଆସିବା ପରେ ପ୍ରଥମେ ଇମ୍ୟୁନୋଗ୍ଲୋବୁଲିନ୍ ଏମ୍‌ର ଉତ୍ପାଦନ କରିଥାଏ। ତେବେ ଇମ୍ୟୁନୋଗ୍ଲୋବୁଲିନ୍ ଜି ପରବର୍ତ୍ତୀ ସମୟରେ ପ୍ରତିରୋଧକ ପ୍ରଣାଳୀ ଦ୍ୱାରା ନିର୍ମିତ ହୋଇଥାଏ ଓ ଏହା ମେମୋରୀ ସେଲ୍ ରୂପରେ କାର୍ଯ୍ୟ କରିଥାଏ।


**ଆକ୍ଟିଭ ଇମ୍ୟୁନିଟି :** ଶରୀରରେ କୌଣସି ବି ଆଣ୍ଟିଜେନ ଜବାବରେ ଏହା ଆଣ୍ଟିବଡ଼ି ଉତ୍ପାଦନ କରିଥାଏ। ଯେତେବେଳେ ପିଲାମାନଙ୍କ ଶରୀର ରୋଗ ସହ ଲଢ଼ିବା ଲାଗି ଆଣ୍ଟିବଡ଼ି ଉତ୍ପାଦନ ଲାଗି ପ୍ରେରିତ ହୋଇଥାଏ ସେତେବେଳେ ପ୍ରତିରକ୍ଷା ପ୍ରଣାଳୀ ଆକ୍ଟିଭ ଇମ୍ୟୁନିଟି ନିର୍ମାଣ କରିଥାଏ। ଏହା ପ୍ରାକୃତିକ ମାଧ୍ୟମ କିମ୍ବା ଭ୍ୟାକ୍‌ସିନେସନଉପାୟରେ ସୃଷ୍ଟି ହୋଇପାରେ। କରୋନା ଭାଇରସ୍ ସଂସ୍ପର୍ଶରେ ଆସିବାର ଦୁଇ ସପ୍ତାହ ଭିତରେ ଶରୀରରେ ଆଣ୍ଟିବଡ଼ି ସୃଷ୍ଟି ହୋଇଥାଏ।

ପିଲାମାନଙ୍କ ଶରୀର ସ୍ୱୟଂ ପାସିଭ୍ ଇମ୍ୟୁନିଟି ନିର୍ମାଣ କରି ନଥାଏ।



ଯେପରି ନବଜାତ ଶିଶୁ ମାଆଙ୍କଠାରୁ ରୋଗ ପ୍ରତିରୋଧକ କ୍ଷମତା ହାସଲ କରିଥାଏ ସେହିପରି ପ୍ଲାଜମା ଟ୍ରାନ୍ସଫ୍ୟୁଜନ ମାଧ୍ୟମରେ ଶରୀରରେ ପାସିଭ୍ ଇମ୍ୟୁନିଟି ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପିଲାକୁ ତତ୍କାଳ ସଂକ୍ରମଣ ବିରୁଦ୍ଧରେ ତ ସୁରକ୍ଷା ମିଳିଯାଏ କିନ୍ତୁ ଏହା ଦୀର୍ଘକାଳୀନ ହୋଇ ନଥାଏ। ପାସିଭ୍ ଇମ୍ୟୁନିଟି ବୃଦ୍ଧି ଲାଗି ବିଭିନ୍ନ ପ୍ରକାର ଥେରାପି ରହିଛି। ତଥାପି ବିଶେଷଜ୍ଞଙ୍କ ଅନୁଯାୟୀ କିଛି କାରକ ପିଲାଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଦେଇପାରେ, ଯଦ୍ୱାରା ଆଣ୍ଟିବଡ଼ି ଉତ୍ପାଦନ ପ୍ରଭାବିତ ହୋଇପାରେ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର କରୋନା ସତର୍କତାକୁ ଗ୍ରହଣ କରନ୍ତୁ। ପିଲାମାନଙ୍କୁ ଉଚିତ ପରାମର୍ଶ ଓ ଶିକ୍ଷା ଦିଅନ୍ତୁ ଦେଖିବେ ଆପଣଙ୍କ ପିଲା ସମ୍ପୂର୍ଣ୍ଣ ନିରାପଦରେ ରହିବ।

କଟକ, ଦୂରଭାଷ : ୯୪୩୭୧୨୪୦୭୪



ମହକ

# ପ୍ରକୃତି ସୁରକ୍ଷାରେ ଆଦିବାସୀ

**ଦଶରଥ ହେମ୍ବ୍ରମ୍**

ପ୍ରକୃତି କୋଳରେ ଜନ୍ମଲାଭ କରି ଘରଦ୍ୱାର କରି ରହିବା ଏବଂ ଗାଁ ଗଢ଼ି ସଭ୍ୟତା ଆରମ୍ଭ କରିଥିବା ପ୍ରଥମ ଅଧିବାସୀ ହେଉଛନ୍ତି ଆଦିବାସୀ। ହୋ'ରୁ ଆରମ୍ଭ କରି ମୁଣ୍ଡା, ସାନ୍ତାଳ, ଶବର, କନ୍ଧ, ମାହାଲୀ, ବିରହଳ, ଓରାମ, କୋଲ୍‌ହ ପ୍ରଭୃତି ଆଦିବାସୀ ଶ୍ରେଣୀର ଲୋକମାନେ ଏଠାରେ ବସବାସ କରନ୍ତି। ମୁଖ୍ୟ ଚାଷ ଧାନ ସହିତ ଆଣ୍ଡୁ, ବାଜରା (ଝାଞ୍ଜଲା), ଗୁନ୍ଦୁଲି, ମାଣ୍ଡିଆ, ମକା, ରାଶି, କୋଳଥ, ହରଡ଼, ବିରି, ମୁଗ, ହଳଦି, ସୋରିଷ, ଅଦା ଆଦି ଚାଷ କରନ୍ତି। ତା' ସହିତ ଗାଈ-ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରି, କୁକୁଡ଼ା, ବତକ ଓ ପାରା ମଧ୍ୟ ଘରେ ଚାଷ କରନ୍ତି। ଚାଷବାସ କାର୍ଯ୍ୟରେ ଗାଈ-ବଳଦ ଓ ମଇଁଷିମାନଙ୍କୁ ବ୍ୟବହାର କରାଯାଏ। ପ୍ରଥା ଓ ପରମ୍ପରା ଅନୁସାରେ ଆଦିବାସୀମାନେ ଜଙ୍ଗଲରୁ ଶିକାର କରନ୍ତି। ବାରହା (ବଣ ଘୁଷୁରି), କୁଟୁରା, ଠେକୁଆ, କଟାଶ, ନେଉଳ, ମୂଷା, ପକ୍ଷୀ ଶିକାର କରି ଘରକୁ ଫେରନ୍ତି। ସେମାନଙ୍କ ବିଶ୍ୱାସ ରହିଛି ଯେ, ଶିକାରୀଙ୍କ ଧନୁତୀରରେ ପଶୁପକ୍ଷୀ ଶିକାର ହୋଇ ରକ୍ତ ମାଟିରେ ପଡ଼ିଲେ ସେହି ବର୍ଷ ଶୁଭଦାୟକ ଏବଂ ଭଲ ବୃଷ୍ଟିପାତ ହୁଏ। କିନ୍ତୁ ଜଙ୍ଗଲକୁ ଶିକାର କରିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ଆରାଧନା କରିଥାନ୍ତି, ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ ବିରବଙ୍ଗା (ଜଙ୍ଗଲ ଦେବତା)ଙ୍କ ପାଖରେ ପ୍ରାଥନା କରି ସମର୍ପଣ ହୁଅନ୍ତି। ନଈ, ନାଳ, ଝରଣା ଓ ପୋଖରୀରେ ମାଛ ଧରିବା ସେମାନଙ୍କ ଏକ ପ୍ରକାର ନିଆରା ପରମ୍ପରା ରହିଛି। ତେଣୁ ପ୍ରକୃତି ଓ ଆଦିବାସୀ ମଧ୍ୟରେ ଥିବା ସମ୍ପର୍କ ସଭ୍ୟତା ଆରମ୍ଭରୁ ରହିଛି, ଏଥିରେ କୌଣସି ଦ୍ୱିମତ ହେବାର ପ୍ରଶ୍ନ ହିଁ ନାହିଁ।

ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ସନ୍ତାନ। ପ୍ରକୃତିକୁ ପିତା ଓ ମାତା ଭଳି ମାନନ୍ତି। ସୁରକ୍ଷା ଦିଅନ୍ତି ଏବଂ ପୂଜାପାର୍ବଣରେ ପ୍ରକୃତିକୁ ପୂଜା କରନ୍ତି। ଜନଜୀବନରେ ସେମାନଙ୍କର ଯେତିକି ଆବଶ୍ୟକତା ରହିଥାଏ, ତାହା ପ୍ରକୃତି ଉପରେ ହିଁ ନିର୍ଭର କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଖାଲି ସେତିକି ନୁହଁ, ପ୍ରକୃତି ସହିତ ରହିଛି ସେମାନଙ୍କର କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ, ପ୍ରଥା-ପରମ୍ପରା, ରୀତିନୀତି, ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ଇତିହାସ, ଯାହା ଆଦିବାସୀଙ୍କ ଜୀବନ ବା କଲିଜା କୁହାଯାଏ। ଏସବୁ ଛାଡ଼ି ଆଦିବାସୀମାନେ କେବେ ଏକା ବଞ୍ଚି ପାରନ୍ତି ନାହିଁ, ଯଦିବି ଏସବୁ ଛାଡ଼ି ଯେଉଁମାନେ ବଞ୍ଚୁଛନ୍ତି ସେମାନଙ୍କ କିଛି ନା କିଛି ନିଜ ନିଜର ସ୍ୱାର୍ଥରେ ବୁଡ଼ି ରହନ୍ତି ଅର୍ଥାତ ଲୋଭ-ଲାଳସାରେ ବଶବର୍ତ୍ତୀ ହୋଇ ନିଜ ସଂସ୍କୃତି, ପରମ୍ପରା ଓ ସାମାଜିକ ବ୍ୟବସ୍ଥାଠାରୁ ଦୂରେଇ ଯାଆନ୍ତି ଏବଂ ଆଦିବାସୀର ପରିଚୟ ଓ ଅସ୍ମିତା ଧ୍ୱଂସ ଆଡ଼କୁ ଠେଲି ଦିଅନ୍ତି।





ଆଦିବାସୀମାନେ କୁହନ୍ତି 'ପ୍ରକୃତି ହେଉଛି ଆମର ଦେବତା'। ଆମେ ଏହାର ସୁରକ୍ଷା କରୁଛୁ, ଏଠି ଟଙ୍କା ପାଇଁ ନୁହେଁ, ବରଂ ଆମର ସାମାଜିକ, ସଂସ୍କୃତି, ପରମ୍ପରା ଓ ସହାବସ୍ଥାନ ପାଇଁ।' ପୁଣି ସେମାନଙ୍କ ଉକ୍ତିରୁ ଜଣାଯାଏ 'ଯଦି ପ୍ରକୃତି ସଂରକ୍ଷଣ ହୋଇ ରହିବ, ତେବେ ଆମେ ମଧ୍ୟ ସୁରକ୍ଷିତ ହୋଇ ବଞ୍ଚିବୁ। ଯଦି ଆମେ ବଞ୍ଚିବୁ, ତେବେ ପ୍ରକୃତି ମଧ୍ୟ ହସିବ, ବଢ଼ିବ ଏବଂ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବ।' ଏସବୁ ଅର୍ଥରୁ ସ୍ପଷ୍ଟ କରେ ଯେ, ପ୍ରକୃତରେ ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀ ହିଁ ସର୍ବାଗ୍ରେ। ଆହୁରି ଆମକୁ ମନେ ପକାଇ ଦିଏ ଯେ, ବୈଦେଶିକ କବଳରୁ ପ୍ରକୃତିକୁ ରକ୍ଷା କରବା ପାଇଁ ଆଦିବାସୀମାନେ ପ୍ରଥମ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଉଠାଇଥିଲେ ଏବଂ ବାହ୍ୟଶତ୍ରୁ ସହିତ ଲଢ଼େଇ କରି ପ୍ରକୃତିକୁ ସୁରକ୍ଷା ଦେଇଥିଲେ। ଦୁଃଖର ବିଷୟ ଏୟା ଯେ, ଅନେକ ଆଦିବାସୀ ଯୋଦ୍ଧା ଏ ମାଟି-ପାଣି-ଜଙ୍ଗଲ ପାଇଁ ସହିଦ ହୋଇଛନ୍ତି କିନ୍ତୁ ବିଦେଶୀମାନଙ୍କ ଆଗରେ କେବେ ମୁଣ୍ଡ ନୁଆଇ ନଥିଲେ କିମ୍ବା ଗୁଲାମଗିରି କରି ନଥିଲେ। ଏଥିପାଇଁ ତ କୁହାଯାଏ 'ପ୍ରକୃତିର ପ୍ରକୃତ ବନ୍ଧୁ ହିଁ ଆଦିବାସୀ'। ସେମାନେ ପ୍ରକୃତି ସହିତ ଏତେ ନିବିଡ଼ ଯେ ଏସବୁ ଛାଡ଼ି ପାରିବେ ବା କେମିତି ? ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ବିତିଗଲାଣି, ତଥାପି ଆଦିବାସୀମାନେ ପ୍ରକୃତି କୋଳରେ ରହି ହସଖୁସିରେ ଜୀବନ ବିତାଉଛନ୍ତି। ବିଜ୍ଞାନର ଜୟଯାତ୍ରା ଯୋଗୁଁ ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚି ମଙ୍ଗଳ ଗ୍ରହରେ ଘର କରିବାକୁ ସ୍ୱପ୍ନ ଦେଖିଲାଣି। ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବର୍ତ୍ତମାନ ରାଷ୍ଟ୍ର ଅଗ୍ରଗତି କରିଚାଲିଛି। ଶିକ୍ଷା-ଦୀକ୍ଷାରେ ଅନ୍ୟ ବର୍ଗର ଲୋକମାନେ ଆଗକୁ ଯାଇ ବିଶ୍ୱକୁ ନିଜ ହାତର ନିୟନ୍ତ୍ରଣ ରଖିଛନ୍ତି। ସମୟ ସହ ପରିବେଶ ବଦଳିଛି ଏବଂ ମଣିଷ ମଧ୍ୟ ବଦଳି ଯାଇଛି ବୋଲି ଭାବିବା ଉଚିତ। ହେଲେ ବଦଳି ନାହାନ୍ତି ସେଇ ଆଦିବାସୀମାନେ। ସେମାନେ ଭୁଲି ନାହାନ୍ତି ଜୀବନ ଜୀବିକା ଆଉ ସଂସ୍କୃତିକୁ, ସଭ୍ୟତା ଆରମ୍ଭରୁ ଯେମିତି ଥିଲେ ଆଜି ମଧ୍ୟ ଠିକ୍ ସେମିତି ଅଛନ୍ତି। ପ୍ରତିଦିନ ସହରୀ ଲୋକଙ୍କ ସହିତ ଦେଖା-ସାକ୍ଷାତ, କଥାବାର୍ତ୍ତା ଓ ଉତ୍ତମ ସମ୍ପର୍କ ମଧ୍ୟ ରହୁଛି। ତଥାପି ସେମାନେ ଶାଗ, ପଖାଳ ଖାଇବାକୁ ଭଲ ପାଇବା ଆଉ ନୃତ୍ୟଗୀତ କରି ଜୀବନକୁ ହସ-ଉଲ୍ଲାସରେ ଅତିବାହିତ କରିବା ଏକ ପ୍ରକାର ଅନନ୍ୟ ପରମ୍ପରା କିନ୍ତୁ ଭବିଷ୍ୟତକୁ ପ୍ରାଧାନ୍ୟ କାହିଁକି ଦିଅନ୍ତି ନାହିଁ, ସେଇ କଥା ସେମାନେ ହିଁ ଜାଣିଛନ୍ତି। ଯାହାବି ହେଉ ଆଜି ଦେଶରେ ଆଦିବାସୀ ଅଛନ୍ତି ବୋଲି ଶୋଭାମୟ ପ୍ରକୃତି ସୁସଜ୍ଜିତ ହୋଇ ରହିଛି।


ସାଂପ୍ରତିକ ପରିସ୍ଥିତିରେ ଲୋକମାନେ ଅଧିକ ରୋଜଗାର ପାଇଁ ଗାଁ ଛାଡ଼ି ସହରକୁ ଯାଉଛନ୍ତି। ସେଠାରେ ରହି ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି। ସେମାନଙ୍କର ପିଲାଛୁଆଙ୍କୁ ବଡ଼ ବଡ଼ ଚାକିରି ନିଶାରେ ଅଜସ୍ର ପଇସା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି। ଆଉ ଯୁବପିଢ଼ିମାନେ ଅର୍ଥ ରୋଜଗାର ନିଶାରେ ଅନର୍ଥ ହୋଇ ନିଜକୁ ଭୁଲି ଯାଉଛନ୍ତି, ଦୂରେଇ ଯାଉଛନ୍ତି ନିଜ ସମ୍ପର୍କୀୟଙ୍କଠାରୁ, ଏମିତିକି ନିଜ ଜନ୍ମ ଦେଇଥିବା ପିତା ଓ ମାତାଙ୍କ ଠାରୁ ମଧ୍ୟ। ସେମାନଙ୍କୁ ସମୟ ଦେଇପାରୁ ନାହାନ୍ତି। ପରେ ନିଜ ଭାଗ୍ୟକୁ ଦୋଷ ଦିଆଯାଏ। ହେଲେ ଆଦିବାସୀମାନେ ଏହିପରି ପରିବେଶରୁ ସମ୍ପୂର୍ଣ୍ଣ ଅଲଗା। ସେମାନେ ଗାଁ ବ୍ୟବସ୍ଥା ଅନୁସାରେ ଗାଁ ମୁଖିଆଙ୍କୁ ଏବେ ବି ସମ୍ମାନ ଦିଅନ୍ତି। ଉଚିତ କଥାରେ ସମର୍ଥନ କରି ତାଙ୍କ କଥାକୁ ମାନି ଚଳନ୍ତି ଆଉ ଆଦର୍ଶ ଗ୍ରାମ ଗଠନ କରିବାର ରାସ୍ତା ଫିଟେ। ସ୍ୱତନ୍ତ୍ର ବ୍ୟବସ୍ଥା ଭିତରେ ଆଦିବାସୀମାନେ ରହିବାକୁ ପସନ୍ଦ କରନ୍ତି କିନ୍ତୁ କାହାରି ଗୋଲାମୀ କାରବାକୁ ନାପସନ୍ଦ କରନ୍ତି। ସ୍ୱାଭିମାନ ସହିତ ବଞ୍ଚିବାକୁ ସେମାନେ ଭଲ ପାଆନ୍ତି। କଷ୍ଟ କରି ରୋଜଗାର କରନ୍ତି, ଯେତିକି ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହୁଅନ୍ତି ଓ ଶାନ୍ତିରେ ରୁହନ୍ତି ନିଜ ପରିବାର ସହିତ, ଯାହା ସାମାଜିକ ବ୍ୟବସ୍ଥା ବିଦିତ। ଧନ-ସମ୍ପତ୍ତିରେ ସେମାନେ ଗରିବ ହୋଇପାରନ୍ତି କିନ୍ତୁ ଆଚରଣ, ଶିଷ୍ଟାଚାର, ସଂସ୍କାର, ନମ୍ର, ସରଳ, ଭଦ୍ର ସ୍ୱଭାବରେ ସେମାନେ ସବୁବେଳେ ଧନୀ। କାହାକୁ କଟାକ୍ଷ କରିବା, ଠକିବା, ମିଛ କହିବା, କଟୁ ସମାଲୋଚନା କରିବା ଭଳି ଆଚରଣ ଓ ଉଚ୍ଚାରଣ ସେମାନଙ୍କ ପାଖରେ ନାହିଁ, ତା'ଠାରୁ ସେମାନେ ଦୂରତା ଅବଲମ୍ବନ କରନ୍ତି। ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖି ଆଦିବାସୀମାନେ ସଭ୍ୟତା ଆରମ୍ଭରୁ ମାଟି, ଗଛ, ପଥର, ପାହାଡ଼, ପର୍ବତ, ଝରଣା, ନଦୀ, ସୂର୍ଯ୍ୟ, ଆକାଶ, ଜହ୍ନକୁ ପୂଜା କରନ୍ତି। କାରଣ ମାଟି ମା'ର କୋଳ, ଗଛ, ଜଙ୍ଗଲ, ପାହାଡ଼ ଓ ପର୍ବତରୁ ଖାଦ୍ୟ ସଂଗ୍ରହ, ଝରଣା ଓ ନଦୀରୁ ପାଣି, ସୂର୍ଯ୍ୟ, ଚନ୍ଦ୍ର ଓ ଆକାଶରୁ ଆଲୋକ ପାଇ ବଞ୍ଚିବା ଶିଖନ୍ତି ଓ ପଥରକୁ ସେମାନେ ଦେବତା ମାନନ୍ତି। ଏଥିରୁ ଅନୁମାନ କରିହେବ, ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀମାନଙ୍କ ଅବଦାନ ଅତୁଳନୀୟ। ଏହା ହିଁ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ଆଉ ଆଦିବାସୀ ଅସ୍ମିତା।

**ବାଲେଶ୍ୱର, ମୋ-୯୩୩୭୪୦୪୨୫୪**


## ଏହି ସପ୍ତାହ, ସେହି ବର୍ଷ (ଏପ୍ରିଲ୍ ୧୯-୨୫)

### ଏଇ ସପ୍ତାହ


ଏପ୍ରିଲ୍ ୧୯, ୧୭୭୫- ଆମେରିକା କ୍ରାନ୍ତି ଆରମ୍ଭ ହୋଇଥିଲା।




ଏପ୍ରିଲ୍ ୨୦, ୧୯୬୦-ଏୟାର୍ ଇଣ୍ଡିଆରେ ପ୍ରଥମ ଜେଟ୍ ବିମାନ ବୋଇଂ-୭୦୭ ସାମିଲ ହୋଇଥିଲା।




ଏପ୍ରିଲ୍ ୨୧, ୧୭୮୨-ବ୍ୟାଙ୍କକ୍ ସହରର ସ୍ଥାପନା ହୋଇଥିଲା।



ଏପ୍ରିଲ୍ ୨୨, ୧୯୭୦- ଦୁନିଆରେ ପ୍ରଥମ ଥର ପୃଥିବୀ ଦିବସର ପାଳନ କରାଯାଇଥିଲା।



ଏପ୍ରିଲ ୨୩, ୧୯୮୪- ବୈଜ୍ଞାନିକମାନେ ଏଡ୍‌ସ ଭାଇରସ୍ ସମ୍ପର୍କରେ ସନ୍ଧାନ ପାଇଥିଲେ।



ଏପ୍ରିଲ ୨୪, ୨୦୦୨- ଆର୍ଜେଣ୍ଟିନା ଅନିଶ୍ଚିତ କାଳ ପର୍ଯ୍ୟନ୍ତ ବ୍ୟାଙ୍କ୍‌ଗୁଡ଼ିକୁ ବନ୍ଦ କରିଦେଇଥିଲା।



ଏପ୍ରିଲ ୨୫, ୧୯୮୨-ଦିଲ୍ଲୀରେ ଟେଲିଭିଜନରେ ପ୍ରଥମ ଥର ରଙ୍ଗିନ ପ୍ରସାରଣର ଆରମ୍ଭ ହୋଇଥିଲା।



# ଗଛ ମଣିଷ



ଡ. ଦିଲ୍ଲୀପ ଶ୍ରୀଚନ୍ଦନ। ସାମାଜିକତାର ଏକ ଧାରା । ସବୁଜ ବା ଗଛ ମଣିଷଭାବେ ପରିଚିତ ଏହି ବ୍ୟକ୍ତିତ୍ୱଙ୍କ ପଛରେ ଯାହାକିଛି ଯୋଡ଼ି ହୋଇ ରହିଛି ଫର୍ଦ୍ଦ ଫର୍ଦ୍ଦ କରି ପଢ଼ିଲେ ହୁଏତ ବୁଝିବାକୁ ଲାଗିଯିବ କାଳଟିଏ। ତାଙ୍କ ଜୀବନର ପ୍ରିଜମ୍ ପଢ଼ିଲେ ଲାଗିବ କଳା, ସାହିତ୍ୟ,ସଂସ୍କୃତି, ସମାଜସେବା, ରାଜନୀତି ଯେମିତି ତାଙ୍କ ପାଇଁ ଭିନ୍ନ ଭିନ୍ନ ଏକ ପ୍ରତିଶୃତିବଦ୍ଧତା। ଜୀବନକୁ ଭାଗଭାଗ କରି ସଅଁପି ଦେଇଥିବା ନିଜର କର୍ମମୟ ଜୀବନ ତାଙ୍କୁ ଆତ୍ମସନ୍ତୋଷ ଦେଇଛି ସତ ହେଲେ ଆତ୍ମଗ୍ଲାନିର ଦ୍ୱାହିଦେଇ କରିନାହିଁ ବାଟବଣା। ସେ ନିରବଛିନ୍ନଭାବେ ନିଜ ଜୀବନର ଶଗଡ଼ଗୁଡ଼ାରେ ନିଜେ ଆଦର୍ଶ ହୋଇ ଚାଲିଛନ୍ତି ସିନା କାହାରି ଦ୍ୱାରା ପ୍ରଭାବିତ ହୋଇନାହାଁନ୍ତି। ତାଙ୍କ ଛାଇର ଉଚ୍ଚତା କିଏ ମାପୁ କି ନମାପୁ ସିଏ ନିଜର କର୍ମର ଢ଼େଙ୍ଗାପଣିଆ ଭିତରେ ସାଲିସ କି ବେସାଲିସ...ସବୁକୁ ପଛରେ ପକାଇ ଚାଲିବା ଶିଖିଛନ୍ତି କିନ୍ତୁ ହାରିବା ଶିଖିନାହାଁନ୍ତି । ଅଧ୍ୟାପନା , ରାଜନୀତି, ସମାଜସେବା, ସାହିତ୍ୟରେ ଯାହା କିଛି ନିଜ ସାଧନା ଓ ଅଧ୍ୟବସାୟ ପ୍ରତିଛବି ଛାଡ଼ିଯାଇଛନ୍ତି, ତାହା ଦେଖିବାକୁ ଅବିକଳ ନିଜ ପରି। ନିଜେ ଚିହ୍ନନ୍ତୁ କି ନାହିଁ ଯିଏ କେହି ବି ଦେଖିବ, ସିଏ କହିବ ଆରେ ଇଏତ ଆମ ପ୍ରିୟର ଦିଲ୍ଲୀପ ଭାଇ। ଯେଉଁ କାମରେ ହାତଦେଲେ ପୂରଣ ନକରି ଛାଡ଼ିବା ଲୋକ ନୁହଁନ୍ତି, ମାନିବାକୁ ପଡ଼ିବ କର୍ମନିପୁଣତା ଓ କର୍ତ୍ତବ୍ୟନିଷ୍ଠତା ପ୍ରତି । ଏଇଠୁ କଣ ସରିଯାଏ କି ତାଙ୍କର କରିତକର୍ମା ଫର୍ଦ୍ଦର ପାଞ୍ଜି...ଆରମ୍ଭ ହୁଏ ।

## ସଂକ୍ଷେପରେ

**ଡ. ଦିଲ୍ଲୀପ ଶ୍ରୀଚନ୍ଦନ**
ଜନ୍ମ-୧୭ ଏପ୍ରିଲ ୧୯୫୯
ପିତା-ସ୍ୱର୍ଗତ ବିଦ୍ୟାଧର ଶ୍ରୀଚନ୍ଦନ
ମାତା-କନକ ମଞ୍ଜରୀ ଶ୍ରୀଚନ୍ଦନ
ଧର୍ମପତ୍ନୀ-ଅନୁପମା ଶ୍ରୀଚନ୍ଦନ
ଜନ୍ମସ୍ଥାନ-ଗୟାବନ୍ଧ, ଜଙ୍କିଆ, ଖୋର୍ଦ୍ଧା



**ପ୍ରଶ୍ନ-ଆପଣ ଜୀବନରେ ସାମାଜିକତାକୁ କିଭଳି ଭାବରେ ଗ୍ରହଣ କରନ୍ତି ?**

ଉ-ଦେଖନ୍ତୁ ମଣିଷ ଜଣେ ସାମାଜିକ ପ୍ରାଣୀ । ସେ ନିଜର ପ୍ରତିପୋଷଣ ସମାଜରୁ ସବୁକିଛି ପାଏ। ସେଥିପାଇଁ ମୁଁ ସମାଜପାଇଁ ସମର୍ପିତ, ଅଙ୍ଗୀକାରବଦ୍ଧ। ସେଥିପାଇଁ ଅଧ୍ୟାପକ ଚାକିରି ଛାଡ଼ି ମୁଁ ରାଜନୀତିରେ ଯୋଗ ଦେଇଛି । କାରଣ ଜାଣିଥିଲି ରାଜନୀତିରେ ସମାଜସେବା କରିବାକୁ ରାସ୍ତା ଫିଟିଯିବ।

**ପ୍ରଶ୍ନ-ପରିବେଶକୁ ନେଇ ଆପଣ ଏତେ ଚିନ୍ତିତ କାହିଁକି ?**

ଉ-ସୁସ୍ଥଜୀବନ ପାଇଁ ସୁସ୍ଥ ପରିବେଶ ଆବଶ୍ୟକ। ବର୍ତ୍ତମାନ ଦିନକୁଦିନ ପରିବେଶ ଯେମିତି ପ୍ରଦୂଷିତ ହେଉଛି, ସେଥିପାଇଁ ପରିବେଶବିତମାନେ ଗଭୀରଭାବେ ଚିନ୍ତିତ। ସେମାନଙ୍କ ମତରେ ପୃଥିବୀର ଆୟୁଷ ଆଉ ବେଶିଦିନ ନୁହେଁ। ତେଣୁ ଏଭଳି ଏକ ସଂକଟସ୍ଥିତିରେ ଜୀବଜଗତ ଓ ମଣିଷ ସମାଜପାଇଁ କାମ କରିବାକୁ ମନ ବଳାଇଥିଲି। ସେଥରପାଇଁ ବର୍ଷବର୍ଷ ଧରି ଜାନ ଓଜିଗର ଦେଇ ଏହି କାମ ଜାରି ରଖିଛି। ଯେମିତି ପ୍ରାକୃତିକ ବିପତ୍ତି କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ସୈନ୍ୟବାହିନୀର ଆବଶ୍ୟକତା ପଡ଼େ, ସେହିଭଳି ପରିବେଶ ପ୍ରଦୂଷଣଜନିତ ସଂକଟରୁ ମୁକାବିଲା ପାଇଁ ଗ୍ରୀନ ଆର୍ମି ବା ଆନ୍ତର୍ଜାତିକ ସବୁଜ ସେନା ବାହିନୀ ନାମକ ଏକ ସଂଗଠନ କରି କାର୍ଯ୍ୟଚାଲୁ ରଖିଛି। ଯେଉଁଥିରେ ସବୁବର୍ଗର ୧୦ହଜାରରୁ ଊର୍ଦ୍ଧ୍ୱଲୋକ ସାମିଲ ଅଛନ୍ତି।

**ପ୍ରଶ୍ନ- ପରିବେଶ ବିଜ୍ଞାନକୁ ପାଠ୍ୟକ୍ରମରେ ସାମିଲ କରିବା ବାଧ୍ୟତାମୂଳକ କି ?**

ଉ- ପାଠ୍ୟକ୍ରମରେ ପରିବେଶ ବିଜ୍ଞାନ ସାମିଲ ହେବା ଦରକାର। କାରଣ ସେମାନେ ଶିକ୍ଷାଗ୍ରହଣ ସମୟରୁ ପରିବେଶ ବାବଦରେ ସଚେତନ ହେବା ଦରକାର। ବିଶ୍ୱବିଦ୍ୟାଳୟସ୍ତରରେ ଅଧ୍ୟୟନ କାଳରେ ଦୁଇଟି ଗଛ ଲଗାଇବାକୁ ଜଣେ ଛାତ୍ରକୁ ବାଧ୍ୟତାମୂଳକ କରାଯିବା ଦରକାର। ଯଦି ଏହା କରୁନାହିଁ ସାର୍ଟିଫିକେଟ ପାଇବାରୁ ବଞ୍ଚିତ କରିବା ଦରକାର। ଏହି କଥାକୁ ଅନେକ ବର୍ଷହେଲା ଆମ ସଂଗଠନ ତରଫରୁ ଦାବୀ କରିଆସୁଛୁ।

**ପ୍ରଶ୍ନ-ଆପଣ ସମାଜସେବା କଲାବେଳେ କିଛି ଅଭାବବୋଧ ଅନୁଭବ କରିଛନ୍ତି କି ?**

ଉ-ରାଜନୀତିରେ ମୋର ସଂପୃକ୍ତି କାରଣରୁ ମୋତେ ଆକ୍ଷେପ ପ୍ରତିଆକ୍ଷେପରେ ସମ୍ମୁଖୀନ ହେବାକୁ ପଡ଼ିଛି। ଅନେକ ରାଜନୈତିକ ବନ୍ଧୁ ବି କୁହନ୍ତି ଗଛ ଲଗାଇଲେ କିମ୍ବା ପୋଖରୀରୁ ଦଳ ସଫାକଲେ କିମ୍ବା ଆଉ କିଛି ସାଂସ୍କୃତିକ କିମ୍ବା ସାମାଜିକ କାମକଲେ ଭୋଟ ମିଳେ ନାହିଁ। ମୁଁ ସେମାନଙ୍କୁ ସରଳ ଉତ୍ତରଟିଏ ଦିଏ ତମେମାନେ ଯେମିତି କୌଣସି ନାକୌଣସି ନିଶାରେ ବୁଡ଼ି ରହିଥାଅ ମୁଁ ସେମିତି ଏହି ନିଶାରେ ବୁଡ଼ି ରହିଛି।

ଉ-ପ୍ରେରଣାର ଲକ୍ଷ୍ୟହେଲା ୨୦୩୫ ମସିହା ବେଳକୁ ଓଡ଼ିଶା ବିଶ୍ୱର ସବୁଜ ରାଜଧାନୀରେ ପରିଣତ ହେବ। ଲୋକକଳା, ଲୋକସାହିତ୍ୟ, ଲୋକ ସଂସ୍କୃତି କିଭଳି ପୁନରୁଦ୍ଧାର ହେବ ସେଥିପାଇଁ ମଧ୍ୟ ପ୍ରେରଣାର ଲକ୍ଷ୍ୟ ରହିଛି।

**ପ୍ରଶ୍ନ-ସାମାଜିକ କାମ କରି ହରାଇଛନ୍ତି କଣ ଓ ପାଇଛନ୍ତି କଣ ?**

ଉ-ବର୍ତ୍ତମାନ ସୁଦ୍ଧା ୧୦ଲକ୍ଷରୁ ଅଧିକ ଗଛ ଲଗାଇ ଯେଉଁ ଆତ୍ମସନ୍ତୋଷ ପାଇଛି ବୋଧେ ଆଉ କେଉଁ କାମରୁ ପାଇ ନଥାନ୍ତି। ବିଭିନ୍ନ ମହୋତ୍ସବ ମାଧ୍ୟମରେ ପ୍ରାଚୀନ ଲୋକସଂସ୍କୃତିକୁ ଲୋକଲୋଚନକୁ ଆଣି ମଧ୍ୟ ସନ୍ତୋଷ ଲାଭ କରିଛି। ଏହାଦ୍ୱାରା ପରନିନ୍ଦା, ଆଳସ୍ୟ ହରାଇଛି।

**ପ୍ରଶ୍ନ-କେବେକେବେ ସାମାଜିକ କାମ କରିବାକୁ କୌଣସି କଷ୍ଟ ଅନୁଭବ କରିଛନ୍ତି କି ?**

ଉ-କଷ୍ଟ ତ ନିଶ୍ଚୟ ହୋଇଛି। ମାନସିକଭାବରେ ଯେତେଯେତେ କଷ୍ଟ ହୋଇଛି ତାକୁ ନକହିବା ଭଲ। ଶାରୀରିକଭାବରେ ଯାହା କଷ୍ଟ ହୋଇଛି, ସେସବୁକୁ ଉପଭୋଗ କରିବାକୁ ଚାହିଁଛି। ଭୋକ ଉପାସ ରହିବା, ରାତି ଅନିଦ୍ରା ହୋଇ ରହିବା, ପାଦରେ ଚାଲିଚାଲି ଶହଶହ କିଲୋମିଟର ଯିବା...ଏମିତି କେତେ କଷ୍ଟକୁ ନିଜଦେହକୁ ନେଇନାହିଁ।

**ପ୍ରଶ୍ନ-ଜୀବନରେ ଏମିତି କିଛି ଦ୍ୱନ୍ଦ୍ୱ, ହତାଶାବୋଧ ତିଆରି ହୋଇଛି କି, ଯାହା କାମରୁ ବିରତି ନେଇ ନୀରବ ହୋଇଯିବା ପାଇଁ କିମ୍ବା ଆଗକୁ ଯିବା ପାଇଁ ସାହାଯ୍ୟ କରିଛି କି ?**

ଉ-ଜୀବନରେ ଏଭଳି ପରିସ୍ଥିତି ଅନେକ ଆସିଛି। ମୁଁ ନିଶ୍ଚଳ ହୋଇ ସବୁକୁ ଧୈର୍ଯ୍ୟର ସହକାରେ ସାମନା କରି ଆଗକୁ ଚାଲିଛି। କେବେ ପଛକୁ ଚାହିଁନାହିଁ।

**ପ୍ରଶ୍ନ- ଆପଣ ଜୀବନକୁ କାହିଁକି ଏହିବାଟରେ ଛାଡ଼ିଦେଲେ ?**


ଉ-ଅନ୍ୟକୁ ସୁଖଦେଇ ନିଜେ ସୁଖ ପାଇବାରେ ଯେଉଁ ଆନନ୍ଦ ଅଛି ଆଉ କେଉଁଥିରେ ମିଳିବା ସମ୍ଭବ ନୁହେଁ । ସେଥିପାଇଁ ନିଜେ ଏମିତି ସମାଜ ସେବାରେ ନିୟୋଜିତ ହୋଇ ଅପୂର୍ବ ଆନନ୍ଦ ପାଇଛି ।

**ପ୍ରଶ୍ନ- ଆପଣଙ୍କୁ ଯିଏ ଆଦର୍ଶ ଭାବୁଛନ୍ତି ସେମାନଙ୍କୁ କଣ କହିବେ ?**

ଉ-ଗାନ୍ଧିଜୀଙ୍କ ବାଣୀ ପରି ସରଳ ଜୀବନ ଉଚ୍ଚ ଚିନ୍ତନ କରିବାକୁ କହିବି । ସମୟର ସଦୁପଯୋଗ କରିବା ସହ କଠିନ ପରିଶ୍ରମ କରିବା ଦରକାର ।

## ପ୍ରେରଣା ଇଣ୍ଟରନେସନାଲ ଗ୍ରିନ୍ ଆର୍ମି

ଆପାଦକାଳୀନ ସମୟରେ ଦେଶର ସୈନ୍ୟ ଯେମିତି ଦେଶର ସୁରକ୍ଷା ପାଇଁ ପ୍ରତିଶୃତିବଦ୍ଧ । ଠିକ ସେମିତି ପରିବେଶର ସୁରକ୍ଷା ଦେବାକୁ ତିଆରି ହୋଇଛି ପ୍ରେରଣା ଗ୍ରିନ୍ ଆର୍ମି। ଦେଶରେ ପ୍ରଦୂଷିତ ଜଳବାୟୁ ଓ ଗଛସଂଖ୍ୟା ଲୋପ ପାଇଥିବାର କୁପରିଣାମତାକୁ ଅଟକାଇବା ପାଇଁ ସଚେତନତା ସହ ବୃକ୍ଷରୋପଣ ଏହାର ମୁଖ୍ୟକାମ । ୧୦ ଲକ୍ଷରୁ ଅଧିକ ଗଛ ଆଜି ଦିନଯାଏଁ ଲଗାଇ ସାରିଥିବା ଏହି ଅନୁଷ୍ଠାନ ୨୦୩୫ ସୁଦ୍ଧା ଓଡ଼ିଶାକୁ ବିଶ୍ୱର ସବୁଜ ରାଜଧାନୀ କରିବାକୁ ଲକ୍ଷ୍ୟ ରଖିଛି । ଏହାର ପ୍ରାଣ ପ୍ରତିଷ୍ଠାତା ରୂପେ ଦିଲ୍ଲୀପ ଶ୍ରୀଚନ୍ଦନ ଅନେକ ଲୋକଙ୍କୁ ସାମିଲ କରି ଏହି ଲକ୍ଷ୍ୟ ପୂରଣ ପାଇଁ ଲାଗି ପଡ଼ିଛନ୍ତି।



## ସାହିତ୍ୟରେ ଶ୍ରୀଚନ୍ଦନ

ସାହିତ୍ୟ ପାଇଁ ମଧ୍ୟ ଉତ୍ସର୍ଗୀକୃତ ଶ୍ରୀଚନ୍ଦନ। ସେ ସ୍କୁଲ, କଲେଜ ସମୟରୁ ଏହି ପ୍ରତିଭାର ଅଧିକାରୀ। ସେ ଓଡ଼ିଶାର ଜଣେ ଜଣାଶୁଣା ସାହିତ୍ୟିକଭାବେ ପରିଚିତ। ତାଙ୍କର ୪ଟି ଉପନ୍ୟାସ ଆତ୍ମପ୍ରକାଶ କରିଛି। ସୂର୍ଯ୍ୟାସ୍ତ ପୂର୍ବରୁ, ସଲ୍ଲଜ ସକାଳ, ଅନ୍ଧାର ଯେତିକି ଆଲୁଅ ସେତିକି ଅନ୍ୟତମ । ଏହା ବ୍ୟତୀତ ୮ଟି କବିତା ସଂକଳନ ମଧ୍ୟ ପ୍ରକାଶିତ ହୋଇଛି। ସେଗୁଡ଼ିକ ମଧ୍ୟରେ ମୁକ୍ତିମନ୍ତ୍ର, ରତ୍ନର ନାମ ପ୍ରେମ, ବିଧାନସଭା କବିତା ଅନ୍ୟତମ। ଏହାବ୍ୟତୀତ ତାଙ୍କର ଦୁଇଟି ନାଟକ, ୫ଟି ପ୍ରବନ୍ଧ ପୁସ୍ତକ ପ୍ରକାଶିତ।

## ସମ୍ମାନ ଓ ସମ୍ବର୍ଦ୍ଧନା

ବୃକ୍ଷରୋପଣ ପାଇଁ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର, ସବୁଜ ମଣିଷ, ଗଛ ମଣିଷ, ଗ୍ରୀନ ମଣିଷ ଆଦି ସମ୍ମାନର ଅଧିକାରୀ ହୋଇଛନ୍ତି । ସାହିତ୍ୟ ପାଇଁ ରାଜଧାନୀ ପୁସ୍ତକମେଳା ସମ୍ମାନ, ତୀରତରଙ୍ଗ ସମ୍ମାନ, ରଣପୁର ସାହିତ୍ୟ ସମ୍ମାନ,ପଠାଣି ସାମନ୍ତ ସାହିତ୍ୟ ସମ୍ମାନ ପାଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମହୋତ୍ସବ ସମ୍ରାଟ, ମହୋତ୍ସବ ଜନକ, ମହୋତ୍ସବମହାରଥି ଓ ସଂସ୍କୃତି ସଂସ୍କାରକ ସମ୍ମାନ ପାଇଛନ୍ତି ।





# ସମାଧାନର ରାସ୍ତା ନୁହେଁ ଆତ୍ମହତ୍ୟା !

ରାକେଶ ପଣ୍ଡା

ଗୀତାର ଏକ ମହତବାଣୀକୁ ଯଦି ଅନୁଧ୍ୟାନ କରିବା, ତା'ହେଲେ ନିଜକୁ ବୁଝିବାକୁ ବା ବୁଝେଇବାକୁ କୌଣସି ଅସୁବିଧା ହୋଇ ନପାରେ । ଆତ୍ମାର ମୃତ୍ୟୁ ନାହିଁକି ବିନାଶ ନାହିଁ । ଏହି ଅବିନଶ୍ୱର ଆତ୍ମା କେବଳ ଗୋଟିଏ ଶରୀରରୁ ଅନ୍ୟ ଶରୀର ଦେଇ ପ୍ରବେଶ କରେ, ଦେହ ଜଡ଼ ହୋଇ ପଡ଼ିରହେ । ସେଥିପାଇଁ କୁହାଯାଇଛି, ନୈନ ଛନ୍ଦନ୍ତି ଶସ୍ତ୍ରାଣୀ, ନୈନ ଦହତି ପାବକ...ଆତ୍ମାକୁ ଶସ୍ତ୍ର କାଟିପାରେନି, ନିଆଁ ଜାଳିପାରେନି, ପବନ ଶୁଷ୍କ କରିପାରେନି, ଜଳ ଓଦା କରିପାରେନା । ଯେଉଁଠି ଆତ୍ମା ମରିପାରେନାହିଁ, ସେଇଠି ମଣିଷ ନିଜ ତରଫରୁ ନିଜକୁ ପ୍ରବର୍ତ୍ତାଇ ଶରୀରକୁ ତ୍ୟାଗ କରିବା, ସେମିତି କିଛି ମହତ କାମ ହୋଇ ନପାରେ । ଯେଉଁ ଅମୂଲ୍ୟ ଶରୀରରକୁ ପିତାମାତା ପ୍ରଦାନ କରିଛନ୍ତି, ସେ ଶରୀରରକୁ ନଷ୍ଟ କରିବାର ଅଧିକାର ମଧ୍ୟ ଆମର ନାହିଁ । ମାଆର ନାଭିନାଡ଼ରୁ ବାପାର ହାତ ଧରି ଆସିଥିବା ମୋହ ସଂସାରର ଚଲାପଥ ଦେଇ ଯାଉଯାଉ କାହିଁକି ହୋଇଯାଏ ବାଟବଣା..କାହା ଉପରେ ରାଗ ସୁଝେଇବା ପରିବର୍ତ୍ତେ ନିଜ ଉପରେ ନେଇବସେ ପ୍ରତିଶୋଧ ।

ମଣିଷ ଯେତେବେଳେ ନିଜ ଉପରୁ ଭରସା ତୁଟାଇଦିଏ, ସେତେବେଳେ କିଛି ଉପାୟ ନପାଇ ଆତ୍ମହତ୍ୟା ବାଟ ବାଛିନିଏ । ଯଦିଓ ଭାରତୀୟ ସଂସ୍କୃତିରେ ଏହା ଏକ ଅପରାଧ କିନ୍ତୁ ଏହା ବସ୍ତୁବାଦ ପ୍ରଭାବରେ ଅପ୍ରାପ୍ତିର ଅସନ୍ତୋଷତା କାରଣରୁ ଘଟିଥାଏ । ମଣିଷ ଆଶା ଓ ନିରାଶର ମଝିରେ ରହି ଯେତେବେଳେ କୌଣସି ଦ୍ୱନ୍ଦରେ ରହେ ଓ କଣ କରିବ କି ନକରିବ ଭାବିଭାବି ନିଷ୍ପତ୍ତି ନେଇ ନପାରିବାର ପରିସ୍ଥିତି ଉପୁଜେ ସେତେବେଳେ ଆତ୍ମହତ୍ୟା ହିଁ ତା'ପାଇଁ କାରଣ ପାଲଟେ । ବ୍ୟକ୍ତି ନିଜକୁ ଆତ୍ମ ଅପରାଧପ୍ରବଣ କରି ନିଜ ଉପରେ ପ୍ରତିଶୋଧ କରିବାର ଏ ଯେଉଁ ଛଳନା, ଏହା ବିକୃତ ମାନସିକତାର ଏକ ଉନ୍ନତ ରୂପ ନୁହେଁ ତ ?

ଆତ୍ମହତ୍ୟାର ଅୟଆରମ୍ଭ ଓ ସଂଜ୍ଞାର ସ୍ୱାଧିକାର- ଖ୍ରୀ.ପୂ.୧୭୦୦ବେଳକୁ ଉପନିବେଶବାଦରେ ଶିକାର ହେଉଥିବା ଶ୍ରମିକଶ୍ରେଣୀ କ୍ରୀତଦାସପଣିଆରୁ ଆରମ୍ଭ ହୋଇଥିଲା । ଲାଟିନ ଶବ୍ଦ ସୁଇସିଡ଼ିୟମରୁ ଆସିଥିବା ସୁସାଇଡ଼ ବା ଆତ୍ମହତ୍ୟା ଅର୍ଥ ଏହା ବୁଝାପଡୁଛି ନିଜକୁ ନିଜେ ହତ୍ୟା କରିବା । ଭାରତୀୟ ପରମ୍ପରାରେ ଆତ୍ମହତ୍ୟାକୁ ଅପରାଧ ବା ପାପ ବୋଲି କୁହାଯାଇଛି । ଗୀତାରେ ମଧ୍ୟ ଅର୍ଜୁନ ୨ୟ ଅଧ୍ୟାୟରେ ଆତ୍ମୀୟସ୍ୱଜନଙ୍କୁ ମାରି କି ଯଶ ମିଳିପାରିବ ବରଂ ନିଜେ ଆତ୍ମହତ୍ୟା କରିବାକୁ ଯେଉଁ ମନବଳାଇଛନ୍ତି, ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ ଯାହା କହିଛନ୍ତି ତାହା ଭାରତୀୟ ପରମ୍ପରା । ଏହି ପରମ୍ପରାକୁ ମାନି ଆଜି ବି ଅନେକଲୋକ ଆତ୍ମହତ୍ୟାକୁ ପାପ ବୋଲି ବିବେଚନା କରିବା ସହ ଘୃଣା କରିଥାନ୍ତି । ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ଆତ୍ମହତ୍ୟାର ମାସ ଓ ଋତୁସହ ସଂପର୍କ ଥାଏ ବୋଲି ମନୋବିଜ୍ଞାନୀମାନେ ମତ ଦେଇଥାନ୍ତି । ଗ୍ରୀଷ୍ମ ଓ ବସନ୍ତରେ ଅଧିକ ଆତ୍ମହତ୍ୟାପ୍ରବଣତା ପ୍ରକାଶ ପାଉଥିବାବେଳେ ଶୀତ ମଧ୍ୟ ଆଂଶିକଭାବେ ପ୍ରଭାବ ପକାଇଥାଏ । ବିଶେଷକରି ଏପ୍ରିଲ,ମେ, ଜୁନ, ଜୁଲାଇରେ ଅଧିକ ସଂଖ୍ୟାକ ଲୋକ ଆତ୍ମହତ୍ୟା କରିଥିବା କଥା ବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । ଜାନୁଆରୀ, ଫେବୃଆରୀ ମଧ୍ୟ ସେହି ତୁଳନାରେ ଆତ୍ମହତ୍ୟାପ୍ରବଣ ମାସ ବୋଲି ମଧ୍ୟ ଦର୍ଶାଯାଇଛି ।

ପ୍ରତ୍ୟେକ ବର୍ଷ ୮ଲକ୍ଷ ଲୋକ ଆତ୍ମହତ୍ୟା କରିଥାନ୍ତି ବୋଲି ଏକ ଗବେଷଣାରୁ ଜଣାଯାଇଛି । ପ୍ରତି ସେକେଣ୍ଡରେ ୪୦ଜଣ ଆତ୍ମହତ୍ୟା କରିଥାନ୍ତି । ଜଣେ ଆତ୍ମହତ୍ୟା କରିବାପୂର୍ବରୁ ଅତିକମରେ ୨୦ଥରରୁ କମ୍ ଉଦ୍ୟମ କରି ନଥାଏ । ଯଦି ଦେଖାଯାଏ ଆତ୍ମହତ୍ୟାପ୍ରବଣ ରାଜ୍ୟଭାବେ ତାମିଲନାଡୁ ପ୍ରଥମ ଥିବାବେଳେ ମହାରାଷ୍ଟ୍ର ପରେ ରହିଛି ପଶ୍ଚିମବଙ୍ଗ । ଭାରତର ଆତ୍ମହତ୍ୟା ପରିମାଣ ଅଧିକ ଯାହା ୩୭ ପ୍ରତିଶତରୁ ବଢ଼ି ଆହୁରି ଆଗକୁ ଚାଲିଛି ସିନା କମିବାର ନାହିଁ । ମହିଳାମାନଙ୍କ ଠାରେ ବେଶି ଆତ୍ମହତ୍ୟାପ୍ରବଣ ଅଛି ବୋଲି ଏକ ସ୍ୱାସ୍ଥ୍ୟସଂବନ୍ଧୀୟ ପତ୍ରିକା ଗବେଷଣାରୁ ଜାଣିବାକୁ ପାଇଛି ।

ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରେ ବିଶେଷ କରି ପ୍ରାପ୍ତବୟସ୍କମାନେ ବେଶି ପରିମାଣରେ ଥାନ୍ତି । ଗତବର୍ଷ ୧୫-୨୯ ଓ ୩୦-୪୪ବର୍ଷ ବୟସ ମଧ୍ୟରେ ପ୍ରାୟ ୪୬୦୦୦ ଲୋକ ଆତ୍ମହତ୍ୟା କରିଛନ୍ତି । ସେ ମଧ୍ୟରୁ ବିଷପାନ କରି ୩୩%, ଫାଶିଦେଇ ୨୬%, ଓ ଅନ୍ୟାନବାଟରେ ୯% ଥାଆନ୍ତି । ସେମିତି ଦେଖିବାକୁ ଗଲେ । ଶିକ୍ଷିତଙ୍କ ଅପେକ୍ଷା ଶିକ୍ଷିତମାନେ ବେଶି ଏହି ଉପାୟକୁ ଆପଣେଇଥାନ୍ତି , ଯାହା ମୋଟ ସଂଖ୍ୟାରୁ ୮୦% ବୋଲି ଜଣାପଡ଼ିଛି ।

ସେମିତି ଦେଖିବାକୁ ଗଲେ ଆଦିବାସୀ ସଂପ୍ରଦାୟର ବେଶି ଲୋକ ଆତ୍ମହତ୍ୟାକୁ ପସନ୍ଦ କରନ୍ତି ନାହିଁ । ସେମାନଙ୍କ ସରଳଜୀବନ ଭିତରେ କଣ ପାଇବା ନପାଇବାର ସେମିତି କିଛି ଲାଳସା ନଥାଏ ଫଳରେ ସେମାନେ ଆତ୍ମହତ୍ୟାକୁ ଜୀବନର ଅନ୍ୟରାସ୍ତା ଭାବେ ବାଛିପାରନ୍ତି ନାହିଁ । କଦବା କ୍ୱଚିତ ଯଦି କେହି ଆତ୍ମହତ୍ୟା କରେ ସାରା ଆଦିବାସୀ ସଂପ୍ରଦାୟ ନିନ୍ଦା କରିବା ଦ୍ୱାରା ବାସନ୍ଦ କରିବାର ବ୍ୟବସ୍ଥା ରହିଛି । ଆଦିବାସୀମାନେ ନିଜର ଖୋଲାସ୍ୱଚ୍ଛନ୍ଦ ଜୀବନ ମୁକ୍ତଭାବରେ ବଞ୍ଚିବାର ଯେଉଁ ଆନନ୍ଦ ଦେଇଛି, ଆତ୍ମହତ୍ୟାଭଳି କୁତ୍ସିତ କାମ କରିବାକୁ ଚାହାଁନ୍ତି ନାହିଁ ବୋଲି ଗବେଷକମାନେ ମତ ଦିଅନ୍ତି ।

ଭାରତରେ ଆତ୍ମହତ୍ୟାକୁ ସ୍ୱୀକୃତୀ ଆଇନଗତଭାବେ ଆଜିଯାଏଁ ବି ମିଳିନାହିଁ । କିନ୍ତୁ ପ୍ରାଚୀନ ଭାରତରେ ସାମାଜିକ ସ୍ୱୀକୃତି ଥିଲା । ଶରୀରକୁ ଅଗ୍ନି, ବାୟୁ, ସ୍ଥଳକୁ ଦାନ କରିଦେବାର ବ୍ୟବସ୍ଥା ବିଥିଲା । ସତୀଦାହ ପ୍ରଥା ଭାରତରେ ଆତ୍ମହତ୍ୟାକୁ ପ୍ରସାହିତ କରିଥିଲା । ଯଦି ବାଲ୍ୟବିବାହରେ ପୁରୁଷ ମରିଯାଉଥିଲା ସ୍ୱାମୀ ମୁହଁ ଥରେ ବି ଦେଖି ନଥିବା ବାଳିକାଟିକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଇଥାଏ । ସେ ମଧ୍ୟ ସାମାଜିକ ଚଳଣି ଅନୁସାରେ ସ୍ୱାମୀର ଯୂଇରେ ନିଜକୁ ଝାସଦେଇ ଆତ୍ମହତ୍ୟା କରିଥାଏ । ସେମିତି ମୁନିଋଷିମାନେ ସମାଧି ଓ ପ୍ରୟୋଗାଭ୍ୟାସକୁ ମଧ୍ୟ ଆତ୍ମହତ୍ୟାର ମାଧ୍ୟମ ବୋଲି ଧରିନେଇଥାନ୍ତି । ବାୟୁକୁ ଶରୀରଦାନ କରିବାକୁ ଖାଦ୍ୟ ନଖାଇ ପବନରେ ବଞ୍ଚୁଥିବା ଲୋକ ଆସ୍ତେଆସ୍ତେ ଶରୀର ଛାଡ଼ିଦିଏ । ସାଧୁମାନେ ଶରୀର ତ୍ୟାଗ କରିବାକୁ କୌଣସି ଗମ୍ଭୀରା, ଗୁମ୍ଫା, କିମ୍ବା ମାଟିତଳେ ଖୋଳାଯାଇଥିବା ଗାତରେ ନିଜ ଶରୀରକୁ ତ୍ୟାଗ କରନ୍ତି । ଏହାକୁ ସେମାନେ ସମାଧି କହୁଥିଲେ ବି ଏହାକୁ ଆତ୍ମହତ୍ୟାର ତାଲିକାରୁ କାଟିହେବନାହିଁ ।



ଅନେକ ସମୟରେ ଅନ୍ଧବିଶ୍ୱାସ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇଥାଏ । କୌଣସି ସାଧୁ କିମ୍ବା ତାନ୍ତ୍ରିକ ଏଦିଗରେ ଭୁଲ ରାସ୍ତାରେ ଦେଇଥାନ୍ତି ଦିଗଦର୍ଶନ । ସେମାନଙ୍କ ପାପର ସଂସ୍କାର ପାଇଁ କିମ୍ବା ବୈକୁଣ୍ଠପୁରରେ ସ୍ଥାନ ପାଇବାକୁ ଆତ୍ମହତ୍ୟା କରିବାକୁ ପଡ଼ିବ ବୋଲି କହିଥାନ୍ତି । ସେଯାହା ବି ହେଉ ଲୋକମାନେ ଏଭଳି ଅନ୍ଧବିଶ୍ୱାସରେ ବାନ୍ଧିହୋଇ ଏଭଳି ନିଷ୍ପତ୍ତି ନେବା ବଡ଼ ଦୁଃଖକର କଥା । ଦିଲ୍ଲୀର ଏକ ପରିବାରର ସମୂହ ଆତ୍ମହତ୍ୟା ଏହାର ଏକ ବଡ଼ ଉଦାହରଣ । ସେମିତି ଅନେକ ସମୟରେ ଶିକ୍ଷିତ ଲୋକମାନେ ଭଣ୍ଡଙ୍କ ହାବୁଡ଼ରେ ପଡ଼ି ନିଜେ କିମ୍ବା ଅନ୍ୟକାହାକୁ ଆତ୍ମହତ୍ୟା ପାଇଁ ବାଧ୍ୟ କରିଥାନ୍ତି । ଆତ୍ମହତ୍ୟା ଏକ ମାନସିକତା । ଏହି ମାନସିକତାରୁ ବର୍ତ୍ତିବା ପାଇଁ ସବୁବେଳେ ସଂଯମତା ଅବଲମ୍ବନ କରିବା ସହ ଈଶ୍ୱର ବିଶ୍ୱାସୀ ହେବା ଦରକାର । ଏହି ଦୁର୍ବଳ ମାନସିକତାରେ ଥିବା ବ୍ୟକ୍ତିମାନଙ୍କୁ ସତଚିନ୍ତନ କରିବାକୁ ପରାମର୍ଶ ଦେବା ସହିତ ସାମିଲ ହୋଇ ବିଚାରର ପରିବର୍ତ୍ତନ କରନ୍ତୁ । ଆତ୍ମହତ୍ୟା କରିବାକୁ ଚାହୁଁଥିବା ବ୍ୟକ୍ତଙ୍କର ଅବାବୋଧ କଣ ଅଛି ଭାବି, ସେସବୁର ଚାହିଦା ଆବଶ୍ୟକସ୍ଥଳେ ପୂରଣ କରିବା ଦରକାର । ତେବେଯାଇ ମାନସିକ ପ୍ରବଣତା ଥିବା ବ୍ୟକ୍ତିଙ୍କୁ ନିୟନ୍ତ୍ରଣକୁ ଆଣିପାରିବେ । ଶେଷରେ ଏତିକି କୁହାଯାଇପାରେ, ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ବରଂ ନିଜକୁ ଆତ୍ମସଂଯମ କରି ସେଭଳି ବାଟରୁ ନିବୃତ୍ତ ରହିବା ଦରକାର ।

ମୋ-୯୩୩୭୮୯୭୬୫୦








ସମ୍ୟୁକ୍ତା ମେନନ

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

### ଏ ଆଖି ଦେଇ ବୋହିଯାଇଛି ଅଭିନୟ ପରି କେତେ ଲୁହ...

# ମିନୁ ମହାପାତ୍ର



ମୁଁ କଣ ସୁନ୍ଦରୀ ନୁହେଁ...ଡାଇଲଗ୍ ଶୁଣିଲେ ଆପଣଙ୍କ ମନ ଭିତର ଝଲସି ଉଠିବ ଅଭିନେତ୍ରୀ ମିନୁଙ୍କ ମୁହଁ। ଦମଦାର ସଂଳାପ ସାଙ୍ଗକୁ ଭୟଙ୍କର ଅଭିନୟ କରିବା ସହ ଜଣେ ଦେହଜୀବୀର କାହାଣୀ କହୁଥିବା ମିନୁଙ୍କ ଅଭିନୟ ଦର୍ଶକଙ୍କ ହୃଦୟ ନୁହେଁ ବରଂ ରାତିର ନୀରବତାକୁ ସେତେବେଳେ ଆହୁରି ଉଷ୍ମ କରିଦେଉଥିଲା। ଦର୍ଶକ ମିନୁଙ୍କ ଅଭିନୟରେ ପାଗଳ ହୋଇଯାଉଥିଲେ। ସବୁଠାରୁ ବେଶି ରୋଚକ ସଂଳାପ ମୁଁ କଣ ସୁନ୍ଦରୀ ନୁହେଁ...ସେତେବେଳେ ଓଡ଼ିଶାରେ ମାନିଆ ପାଲଟି ଯାଇଥିଲା। ଏପରିକି ପିଲାଠାରୁ ବୁଢ଼ା ଯାଏ ଏହି ଡାଇଲଗ୍ କହି କହି ବୁଲୁଥିଲେ। ଯା ଭିତରେ ବିତିଗଲାଣି ଅନେକ ବର୍ଷ। ଅନେକ ରଙ୍ଗିନ ରଙ୍ଗମଞ୍ଚରେ ରାତି ରାତି ଅଭିନୟ କରି ଜଣେ ସୁପରିଚିତ ଅଭିନେତ୍ରୀ ଭାବରେ ଓଡ଼ିଶାର ଘରେ ଘରେ ପରିଚିତ। ସେ ଯାତ୍ରା ପାର୍ଟିରେ ଯେତେବେଳେ ଯୋଗ ଦେଇଥିଲେ ସେମିତି ବେଶି କିଛି ବୟସ ହୋଇ ନଥିଲା ମିନୁଙ୍କର। ୧୪-୧୫ବର୍ଷ ବୟସରୁ ଘରୁ ଲୁଚି ପଳାଇ ଆସିଥିଲେ। ଅଭିନୟ ପ୍ରତି ଏତେ ଦୁର୍ବଳତା ଥିଲା ସେ ସିନା ଘରୁ ଲୁଚି ପଳେଇ ଆସିଲେ, ହେଲେ ଅନେକ ବର୍ଷ ଯାଏ ଘରର ମାଟି ମାଡ଼ିପାରି ନଥିଲେ। ଝିଅ ଯାତ୍ରାପାର୍ଟିକୁ ଯାଉ, ସେତେବେଳେ ଘରେ କେହି ଚାହୁଁ ନଥିଲେ। ସେ ଯେତେବେଳେ ଲୁଚି ପଳାଇ ଆସିଥିଲେ ଘରେ ବା କେମିତି ସମର୍ଥନ କରିଥାନ୍ତେ ? ସେଥିପାଇଁ ସେ ଯାତ୍ରାପାର୍ଟି ଛୁଟି ହେଲେ ମାମୁଁ ଘରକୁ ପଳେଇ ଯାଉଥିଲେ। ତିନି-ଚାରିବର୍ଷ ପରେ ସେ ଟିକେ ନାଁ କରିବା ପରେ ଘର ଲୋକଙ୍କୁ ବୁଝେଇବାକୁ ସମର୍ଥ ହୋଇଥିଲେ। ଏ ଥିଲା ମିନୁଙ୍କ ଯାତ୍ରା ପଛର ଲୁଚି ରହିଥିବା ଜୀବନ ତଥା ଅଭିନୟର ଯାତ୍ରା। ଅଭିନୟ ଜୀବନର ତିରିଶବର୍ଷ ମଧ୍ୟରେ ସେ ଅନେକ ଘାତ ପ୍ରତିଘାତକୁ ସାମ୍ନା କରି ଆସିଛନ୍ତି। ଏ ଆଖି ଦେଇ ବୋହିଯାଇଛି ଅଭିନୟ ପରି କେତେ ଲୁହ। ଏ ଶରୀରର ଭୋଗିଛି  କେତେ ଦୁଃଖ ଆଉ ଯାତନା। କେତେ ଖୁସିର ଲୁହ ବି ସରାଗର ଫୁଲ ହୋଇ ଝଡ଼ିଯାଇଛି ଜୀବନରେ। ସୁଖଦୁଃଖର ଫେଣ୍ଟାଫେଣ୍ଟି ଜୀବନକୁ ନେଇ ଏମିତି ଯାତ୍ରା ପଥର ଯାତ୍ରୀ ହୋଇଛନ୍ତି ଯେ ଅଭିନୟ ନିଶା ଓ ପେସା ହୋଇ ରହିଯାଇଛି ତାଙ୍କ ଜୀବନରେ। କେବେ ପଛକୁ ଫେରି ଚାହିଁ ନାହାନ୍ତି କି ଅଭିନୟକୁ ନେଇ ଅନୁଶୋଚନା କି ଦୁଃଖ କରିନାହାନ୍ତି। ଅଭିନୟ ଯେତେବେଳେ ନିଜ ସହିତ ଅଛି, କିଛି ହରେଇବା କି ପାଇବାର ଅଭିଳାଷ ବି ନାହିଁ ତାଙ୍କର।



ପ୍ରଥମେ ତ୍ରିନାଥ ଗଣନାଟ୍ୟରେ ଯୋଗ ଦେବା ପରେ ସେ ଓଡ଼ିଶାର ଅଧିକାଂଶ ପାର୍ଟିରେ ନିଜର ନିଖୁଣ ଅଭିନୟ ଦ୍ୱାରା କେବଳ ଦର୍ଶକଙ୍କୁ ବାନ୍ଧି ରଖିନାହାନ୍ତି ବରଂ ଦର୍ଶକଙ୍କ ଠାରୁ ସେତିକି ଶ୍ରଦ୍ଧା ଓ ଭଲପାଇବା ମଧ୍ୟ ପାଇଛନ୍ତି। ପାର୍ବତୀ, ସୋମନାଥ, କଳିଙ୍ଗ, କୋଣାର୍କ, ସଚ୍ଚିଦାନନ୍ଦ, ବାଘାଯତୀନ ଆଦି ଅନେକ ପାର୍ଟିରେ ଅଭିନୟ କରିଛନ୍ତି। ସେ ଯେଉଁ ଯେଉଁ ପାର୍ଟିକୁ ଯାଇଛନ୍ତି, ସେଇଠି ନିଜ ଅଭିନୟର ସ୍ୱତନ୍ତ୍ର ଛାପ ଛାଡ଼ିଦେଇଆସିଛନ୍ତି। ପାର୍ଶ୍ୱ ନାୟିକା ହେଉ ଅବା ନାୟିକା, ଚରିତ୍ର ଅଭିନେତ୍ରୀ ହୁଅନ୍ତୁ କି ଖଳନାୟିକା, ତାଙ୍କ ଅଭିନୟରେ ରହିଛି ସ୍ୱତନ୍ତ୍ର ଯାଦୁ। ସେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟକୁ ନେଇ ଭିନ୍ନ ଭିନ୍ନ ପରୀକ୍ଷାନିରୀକ୍ଷା ମଧ୍ୟ କରିଛନ୍ତି। ନିଜକୁ ଭିଡ଼ ଭିତରୁ ଆଣି ସ୍ୱତନ୍ତ୍ରତା ମଧ୍ୟରେ ନିଜ ବ୍ୟକ୍ତିତ୍ୱକୁ ଚିହ୍ନେଇ ଦେଇଛନ୍ତି। ସେଥିପାଇଁ ସେ ଅନନ୍ୟା ଅଭିନେତ୍ରୀ ମିନୁ ଭାବରେ ଯାତ୍ରା ଇଣ୍ଡଷ୍ଟ୍ରୀରେ ପରିଚିତ। ପୁରୀରୁ ପଞ୍ଚାମୁଣ୍ଡାଇ, ଭଲ ମଣିଷ ଖୋଜା ଚାଲିଛି, ମୁଁ ବଦନାମ ଗଳିର ଝିଅ, ଗାୟତ୍ରୀ ଅପାର ଗୋପନ କଥା, ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ, ମହାଭାରତରେ ଅର୍ଜୁନ ରାଣୀ, ସିନ୍ଦୂର ମୋ ପାଇଁ ଲକ୍ଷ୍ମଣରେଖା ଆଦି ନାଟକରେ ସେ ଅଭିନୟ କରି ବେଶ୍ ଚର୍ଚ୍ଚାକୁ ଆସିପାରିଥିଲେ।

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ  ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com